## ବିପୁଳ ବିଦେଶୀ ମଦ ଜବତ, ଜଣେ ଗିରଫ

ସୋର, ୨୨।୫(ସମିସ) : ଆଗାମୀ ନିର୍ବାଚନକୁ ଆଖିଆଗରେ ରଖି ସୋର ପୁଲିସ ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ବିଦେଶୀ ମଦ ଜବତ କରିବା ସହିତ ଜଣଙ୍କୁ ଗିରଫ କରାଯାଇଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ ସୁଦର୍ଶନ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ସୋର ପୌରପାଳିକା ଅନ୍ତର୍ଗତ ପୁରୁଣା ମାଛ ମାର୍କେଟରେ ଚଢ଼ଉ କରାଯାଇ ଜନାର୍ଦ୍ଦନ ପାତ୍ରଙ୍କ ନିକଟରୁ ୭୦ ଲିଟର ବିଦେଶୀ ମଦ ଜବତ କରିବା ସହିତ ତାଙ୍କୁ ଗିରଫ କରିଥିଲେ। ସେହିପରି ନିକଟରେ ଥିବା ଅନ୍ୟ ଏକ ଦୋକାନରେ ଚଢ଼ାଉ କରି ୩୯ ଲିଟର ବିଦେଶୀ ମଦ ଜବତ କରିଥିବା ବେଳେ ଅଭିଯୁକ୍ତ ଦୋକାନୀ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏ ନେଇ ପୁଲିସ ପକ୍ଷରୁ ପୃଥକ ଦୁଇଟି ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଆଜି ଅପରାହ୍ନରେ ଜନାର୍ଦ୍ଦନକୁ କୋର୍ଟ ଚାଲାଣ କରାଯାଇଛି।

## ହାତୀ ଉପଦ୍ରବ; ଫଳ ଗଛ ଓ ପରିବା ଫସଲ ନଷ୍ଟ

ନୀଳଗିରି, ୨୨।୫(ସମିସ): ଗତ ୧୯ ତାରିଖରେ କୁଲଡିହା ଅଭୟାରଣ୍ୟର ଦନ୍ତା ହାତୀ ଆସି ଏକ ଘରୋଇ ଫାର୍ମ ହାଉସରେ ପଶି ଫଳନ୍ତି ଗଛ ଓ ପନିପରିବା ଚାଷକୁ ମାଡି ଚକଟି ନଷ୍ଟ କରି ଦେଇଛନ୍ତି। ଏ ନେଇ ବନ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପରେ କୌଣସି କ୍ଷତି ପୂରଣ ମିଳି ନଥିବା ବେଳେ ଗତ ୨୧ତାରିଖ ମଙ୍ଗଳବାର ବିଳମ୍ବିତ ରାତିରେ ପୁଣି ଉକ୍ତ ଫାର୍ମ ହାଉସରେ ହାତୀ ଉପଦ୍ରବ କରିଛନ୍ତି। ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଅବସ୍ଥିତ କୁଲଡିହା ହାତୀ ଅଭୟାରଣ୍ୟରୁ



କିଛି ଜଙ୍ଗଲୀ ଦନ୍ତା ହାତୀ ଗତ ୧୧ ତାରିଖ ବିଳମ୍ବିତ ରାତିରେ କିଶୋରଚନ୍ଦ୍ରପୁର ପଞ୍ଚାୟତ ଜେନାବନ୍ଧ ଅଞ୍ଚଳରେ ଯଶୋଦା ନନ୍ଦନ ସିଂହଙ୍କ ଫାର୍ମ ହାଉସରେ ପଶି ଉପଦ୍ରବ କରିଥିଲେ। ଫାର୍ମରେ ଥିବା ଫଳନ୍ତି କଦଳୀ, ପିଜୁଳି, ଅମୃତଭଣ୍ଡା, ଆମ୍ବ ଗଛ ଏବଂ ପରିବା ଫସଲ ଦଳି ଚକଟି ସମ୍ପୂର୍ଣ୍ଣ ନଷ୍ଟ କରିଥିଲେ। ପୁଣି ୨୧ ତାରିଖ ମଙ୍ଗଳବାର ରାତିରେ ହାତୀ ପଲ ଉପଦ୍ରବ କରିଥିବା ଅଭିଯୋଗ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୨୦ ହଜାରରୁ ଊର୍ଦ୍ଧ୍ୱ ହେବ। ତୁରନ୍ତ ସରକାରୀ ସହାୟତା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାଇବାବା ମନ୍ଦିରରୁ ଚୋରି

ଚୌକି, ୨୨।୫(ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ରୋସଲପୁର ପଞ୍ଚାୟତର ଚୌଧୁରୀ ଭୋଉରି ଗ୍ରାମରେ ଥିବା ସାଇବାବା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଗହଣା ଓ ଆସବାବପତ୍ର ଚୋରି ହୋଇଥିବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଭୋଗରାଇର ପ୍ରସିଦ୍ଧ ସାଇବାବା ମନ୍ଦିରରୁ ୨୧ ମେ ଗୁରୁବାର ଦିନ ମଧ୍ୟରାତ୍ରିରେ ଦୁର୍ବୃତ୍ତ ମାନେ ଚୋରି କରିଥିବାର ଥାନାରେ ଅଭିଯୋଗ କରିଛନ୍ତି ମନ୍ଦିରର ସେବାୟତ ଭଗିରଥ ମାଝୀ। ଶ୍ରୀ ମାଝୀ ଦୀର୍ଘ ବର୍ଷ ହେବ ମନ୍ଦିରର ସେବାୟତ ଭାବେ କାର୍ଯ୍ୟରତ ଅଛନ୍ତି। ମଙ୍ଗଳବାର ସକାଳ ୫ ଟାରେ ଆସିଦେଖିବାରୁ ମନ୍ଦିରର ଗେଟରେ ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ମୁକୁଟ ପୋତିକା ଆଦି ରୂପା ଅଳଙ୍କାର ଯାହାର ହାରାହାରି ଅଜନ ହେବ ଦୁଇ କିଲୋଗ୍ରାମ। ସୁନା ହାର ଓ ସୁନା ପତିକା ଅଜନ ପ୍ରାୟତଃ ଶହେଗ୍ରାମ ହେବ ଓ ଦାନ ବାକ୍ସଟିରେ ଥିବା ଟଙ୍କା ପାଖାପାଖି ୧୨ ହଜାର ଟଙ୍କା ଦୁର୍ବୃତ୍ତ ମାନେ ଚୋରି କରିନେଇ ଯାଇଛନ୍ତି। ସେବାୟତ ଏ ବାବଦରେ ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ସଭାପତି ନିରଞ୍ଜନ ମାଝୀ, ସମ୍ପାଦକ କାଳୀଚରଣ ପାତ୍ର, ବ୍ରାହ୍ମଣ ସୁଜିତ ପଣ୍ଡା ଓ ସେବାୟତ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି।

## ଭାନୁମତୀ ଦାସଙ୍କ ବିୟୋଗରେ ସ୍ମୃତିସଭା

ବାଲେଶ୍ୱର, ୨୨।୫(ସମିସ): ଭୋଗରାଇ ମାଟି ମା'ର ଅନ୍ୟତମ ସୁଯୋଗ୍ୟ ସନ୍ତାନ, ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ସ୍ୱର୍ଗତ ରାଧାଶ୍ୟାମ ଦାସଙ୍କ ଧର୍ମପତ୍ନୀ ତଥା ତାଙ୍କର ଚିର ସହଯୋଗୀ ଭାନୁମତୀ ଦାସଙ୍କ ବିୟୋଗରେ ଏକ ସ୍ମୃତିସଭା



ତାଙ୍କ ବାଲେଶ୍ୱର ସହରସ୍ଥ ରାଣୀପାଟଣା ଦରଜିପୋଖରୀ ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଦଳମତ ନିର୍ବିଶେଷରେ ଜିଲ୍ଲାର ବିଭିନ୍ନ ରାଜନେତା ଓ ବିଶିଷ୍ଟ ବ୍ୟକ୍ତିବୃନ୍ଦ ଏଥିରେ ଯୋଗଦେଇ ସ୍ୱର୍ଗୀୟା ଭାନୁମତି ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତିସଭାରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ କାଳୀପଦ ପଣ୍ଡା। ଦେବାଶିଷ ଚାଟାର୍ଜୀଙ୍କ ସଞ୍ଚାଳନାରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବିଧାୟକ ସ୍ୱରୂପ ଦାସ, ବିଧାୟକ ଅନନ୍ତ ଦାସ, ବିଧାୟକ ସୁଧାଂଶୁ ପରିଡ଼ା, ଆଡ଼ଭୋକେଟ ତଥା ବାଲେଶ୍ୱର ବାର ଆସୋସିଏସନର ସଭାପତି ରଘୁନାଥ ପ୍ରଧାନ ଏବଂ ସମ୍ପାଦକ ସମ୍ବିତ ନନ୍ଦୀ, ଆଡ଼ଭୋକେଟ ପ୍ରତାପ ପଣ୍ଡା, ବିଜୟ କୁମାର ପାଣିଗ୍ରାହୀ, ଇଂ ବନମାଳୀ ନାୟକ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର, ମାନସ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ତାଙ୍କର ଚାରିପୁତ୍ର ଆଡ଼ଭୋକେଟ ତଥା ରାଜନେତା ଭୁବନାନନ୍ଦ ଦାସ, ବିଚିତ୍ରାନନ୍ଦ ଦାସ, ବିବେକାନନ୍ଦ ଦାସ ଓ ବିଜୟନନ୍ଦ ଦାସଙ୍କ ସମେତ ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

### ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିକାଶ

# ୩ ବର୍ଷରେ ରାଜ୍ୟ ସରକାର ଖର୍ଚ୍ଚ କରିଛନ୍ତି ୧୮ ଶହ କୋଟି

ବାଲେଶ୍ୱର, ୨୨।୫(ସମିସ):



ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବାଲେଶ୍ୱର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ବିଧାୟକ ସ୍ୱରୂପ କୁମାର ଦାସଙ୍କ ପକ୍ଷରୁ ବୁଧବାର ସ୍ଥାନୀୟ ହରିପ୍ଲାଜା ହୋଟେଲ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ଏଥିରେ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କହିଥିଲେ, ଗତ ତିନିବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସଦର ନିର୍ବାଚନ ମଣ୍ଡଳୀରେ ୧୮ ଶହ କୋଟି ଟଙ୍କାର ବିଭିନ୍ନ ଜନ କଲ୍ୟାଣ ମୂଳକ କାର୍ଯ୍ୟ ହେଇଛି। ଏହି ନିର୍ବାଚନ ମଣ୍ଡଳୀକୁ ବିକାଶ ଦିଗରେ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲେଶ୍ୱର ପୌରପାଳିକାରେ ପୂର୍ତ୍ତ ବିଭାଗ ଦ୍ୱାରା ୨୬୯କୋଟି ୭୮ଲକ୍ଷ ଟଙ୍କାର ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟ କରାଯାଇଛି। ଶକ୍ତି ବିଭାଗ ଦ୍ୱାରା ୨୭କୋଟି୮ଲକ୍ଷ ଟଙ୍କା ଅଟକଳରେ ବାଲେଶ୍ୱର ଟାଉନ ସ୍ଥିତ କାଳୀ ମନ୍ଦିର ନିକଟରେ ୩୩/୧୧ କେଭି ଷ୍ଟ୍ରକ୍‌ଚର ନିର୍ମାଣ କରାଯିବା ସହିତ ବିଦ୍ୟୁତ ଯୋଗାଣର ଆଧୁନିକରଣ କରାଯାଇଛି। ସେହିଭଳି ୫ କୋଟି ଟଙ୍କା ଅଟକଳରେ ଶାନ୍ତି କାନନ ସୌନ୍ଦର୍ଯ୍ୟ କରଣ, ଡିଗିରିଣିଆ ୧କୋଟି ୧୦ଲକ୍ଷ ଟଙ୍କା ଅଟକଳରେ ମଧୁର ମାଛ ଯାଆଁଳା ପ୍ରସ୍ତୁତି କେନ୍ଦ୍ର ସ୍ଥାପନ, ସାଧାରଣ ସ୍ୱାସ୍ଥ୍ୟ ଇଂଜିନିୟରିଂ ବିଭାଗ ଜରିଆରେ ୩୩କୋଟି ୬୮ଲକ୍ଷ ଟଙ୍କାର ୬୦ମେଗା ଲିଟର କ୍ଷମତା ବିଶିଷ୍ଟ ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନ ଏବଂ ପୌରପାଳିକାର ୨, ୧୫, ୨୮, ୩୦ରେ ୬ଟି ନୂତନ ଜଳ ଉତ୍ପାଦ କୂଅ ସ୍ଥାପନ ସହିତ ୱାର୍ଡ ନମ୍ବର ୯ରେ ପାଇପ ଲାଇନର ବିସ୍ତାରି କରଣ ପ୍ରଭୃତି କାର୍ଯ୍ୟ ହେଇଛି। ଏହାବାଦ ଜଳସେଚନ ବିଭାଗ ଜରିଆରେ ୧୦କୋଟି ଟଙ୍କାର ବୁଡାବଳଙ୍ଗ ନଦୀକୂଳ ପ୍ରତିରୋଧକ ପଥର ବନ୍ଧ ନିର୍ମାଣ ହେଇଛି। ଗଣଶିକ୍ଷା ବିଭାଗ ଜରିଆରେ ୮୧କୋଟି୫୦ଲକ୍ଷ ଟଙ୍କାରେ ୩୯ ଟି ୫ଟି ଓ ଗଣଶିକ୍ଷା ବିଦ୍ୟାଳୟ ଏବଂ ୭ଟି ଯୁକ୍ତ ଦୁଇ ବିଦ୍ୟାଳୟର ନବୀକରଣ କରାଯାଇଛି। ପୁଣି ବିବିଧ ବିଭାଗ ଦ୍ୱାରା ୧୫୧କୋଟି ୪୪ଲକ୍ଷ ଟଙ୍କା ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେଇଛି। ସଦର ନିର୍ବାଚନ ମଣ୍ଡଳୀର ପଞ୍ଚାୟତ ଗୁଡିକରେ ମଧ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହେଇଥିବା ପ୍ରାର୍ଥୀ ଦାସ ସୂଚାଇଛନ୍ତି। ପୂର୍ତ୍ତ ବିଭାଗ ଦ୍ୱାରା ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ୧୫୨କୋଟି ୬୨ଲକ୍ଷ ଟଙ୍କା ଖର୍ଚ୍ଚ ହେଇଛି। ଗ୍ରାମୀଣ କାର୍ଯ୍ୟ ବିଭାଗ(ଆରଡ଼ି) ଦ୍ୱାରା ୧୨୯କୋଟି୫୧ଲକ୍ଷ ଟଙ୍କା ମୂଲ୍ୟରେ ସଦର ନିର୍ବାଚନ ମଣ୍ଡଳୀର ୨୨ଟି ନିର୍ମାଣ ପ୍ରକଳ୍ପର କାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ଡ୍ରେନେଜ ବିଭାଗ ଦ୍ୱାରା ୧୯.୮୮କୋଟି ଟଙ୍କା ଖର୍ଚ୍ଚ କରାଯାଇ ନୂତନ ଡିଭିଜନ କାର୍ଯ୍ୟାଳୟ ନିର୍ମାଣ ଓ ହଂସକରା ନଦୀର ସଂସ୍କାର ପ୍ରକଳ୍ପ କରାଯାଇଛି। ଗ୍ରାମ୍ୟ ପାନୀୟ ଜଳ ବଣ୍ଟନ ବିଭାଗ ଦ୍ୱାରା ୨୦୪.୭୭କୋଟି ଟଙ୍କା ଖର୍ଚ୍ଚ କରାଯାଇ ଗ୍ରାମୀଣ ପାନୀୟ ଜଳ ପାଇପ ଯୋଗେ ବଣ୍ଟନ କରାଯାଇଛି। ମତ୍ସ୍ୟ ବିଭାଗ ଦ୍ୱାରା ୯୪.୩୩କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨୪୧୨ହେକ୍ଟର ଜମିରେ ଲୁଣି ଚୁଙ୍ଗୁଡି ଚାଷ, ୧୪ଶହ ହେକ୍ଟର ଜମିରେ ମଧୁର ମାଛ ଚାଷ ଏବଂ ୫୦ଟି ଏସଏଚଜି କୁ ମାଛ ଚାଷ କରିବା ପାଇଁ ପଞ୍ଚାୟତ ଗୁଡିକରେ ପୋଖରୀ ପ୍ରସ୍ତୁତ କରାଯାଇଛି। ସେହିଭଳି ଉଠା ଜଳ ସେଚନ ବିଭାଗ ଜରିଆରେ ୧୨.୩୦କୋଟି ଟଙ୍କା ୨୬୯ଟି ଜଳସେଚନ ପଏଣ୍ଟ କରାଯାଇ ୪୪୩୨ହେକ୍ଟର ଚାଷ ଜମିକୁ ଜଳ ସେଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଇଡ୍କୋ ବିଭାଗ ଜରିଆରେ ୧୫୦.୮୬କୋଟି ଟଙ୍କା ଅଟକଳରେ ୧୩୪୯ଶଯ୍ୟା ବିଶିଷ୍ଟ ୱାର୍କର ହଷ୍ଟେଲ, ସୋମନାଥପୁର ଶିଳ୍ପାଞ୍ଚଳର ଉନ୍ନତି କରଣ, ବାଲେଶ୍ୱର ଶିଳ୍ପାଞ୍ଚଳର ଉନ୍ନତି କରଣ ଆରବିଆଇ ବ୍ୟାଙ୍କ ନୋଟ ପେପର ମିଲକୁ ରାସ୍ତା ନିର୍ମାଣ କରାଯାଇଛି। ମୁଖ୍ୟମନ୍ତ୍ରୀ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିକାଶ କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ରଖିଛନ୍ତି। ତାଙ୍କ ସହୃଦୟତା ପାଇଁ ପୁଣି ଥରେ ଏହି ନିର୍ବାଚନ କ୍ଷେତ୍ରରେ ଶ୍ରୀ ଦାସ ପ୍ରାର୍ଥୀ ହୋଇଛନ୍ତି। ଆଗାମୀ ଦିନରେ ଏହି ନିର୍ବାଚନ ମଣ୍ଡଳୀକୁ ଅଧିକରୁ ଅଧିକ ସମୃଦ୍ଧଶାଳୀ, ଆତ୍ମନିର୍ଭରଶୀଳ ଓ ସୌନ୍ଦର୍ଯ୍ୟମୟ କରିବା ପାଇଁ ଦୁଇଟି ଶଙ୍ଖ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବାକୁ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ବିନମ୍ରତାର ସହିତ ନିବେଦନ କରିଛନ୍ତି। ଏହି ସମ୍ମିଳନୀରେ ଆମ ଓଡ଼ିଶା, ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ରଞ୍ଜନ ବାଗ, ପୌର ଉପାଧକ୍ଷ କୈଳାସ ସେଠୀ, ଯୁବ ସଂଗଠକ ଧୀରେନ ନାୟକ, ପ୍ରାକ୍ତନ ପୌର ଉପଦକ୍ଷ ମନୋଜ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଖୁଲୁଡ଼ା ଓ ବର୍ତ୍ତନାରେ ବିଜେଡିର କର୍ମୀ ସମାବେଶ

ଜଳେଶ୍ୱର ବ୍ଲକ/ନାମ୍ପୋ, ୨୨।୫ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡ଼ା ଗ୍ରାମ ପଞ୍ଚାୟତର ଖୁଲୁଡ଼ା ଗ୍ରାମରେ ବିଜେଡି ପକ୍ଷରୁ କର୍ମୀ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ସାମଲଙ୍କ ସଭାପତିତ୍ୱରେ ବିଜେଡି ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାର, ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର, ବ୍ଲକ ଅଧକ୍ଷ ମାନସ କୁମାର ଜେନା, ମ୍ୟୁନିସପାଲିଟି ଅଧକ୍ଷ ପ୍ରତାପ କୁମାର ପ୍ରଧାନ, ପ୍ରବୀର କୁମାର ପ୍ରଧାନ, ଜୀବନ ବିନ୍ଦୁ ସଂଯୋଜକ ମଧୁସୂଦନ ସେନାପତି, ଆନନ୍ଦ କର, ସୁରଜ୍ କୁମାର ଚୌରାଶିଆ, ଖୁଲୁଡ଼ା ସରପଞ୍ଚ ଜ୍ୟୋତିର୍ମୟ ଆଚାର୍ଯ୍ୟ, ସଞ୍ଜୟ କୁମାର ମହାନ୍ତି, ଗୁରୁ ପ୍ରସାଦ ରାଉଳ, ଗୁରୁପ୍ରସାଦ ଗିରି, ରଜନୀକାନ୍ତ ଜେନା, ହରିଶଙ୍କର ଗିରି, ଚଳଚ୍ଚିତ୍ର ହାସ୍ୟ ଅଭିନେତା ପ୍ରଜ୍ଞା ରଞ୍ଜନ ଖଟୁଆ ଓ ଅଭିନେତ୍ରୀ ପୁନମ ମିଶ୍ର ଉପସ୍ଥିତ ହୋଇ ବିଜେଡି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଗୁଡ଼ିକ ବାବଦରେ ବକ୍ତବ୍ୟ ରଖିଥିଲେ। ସେହିପରି ବର୍ତ୍ତନା ଗ୍ରାମ ପଞ୍ଚାୟତ ସ୍କୁଲ ପଡ଼ିଆ ଠାରେ ଅନୁରୂପ ଭାବେ ବିଜେଡି କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଜୁନ ୧ ତାରିଖ ସାଧାରଣ ନିର୍ବାଚନରେ ଉଭୟ ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତ ସିଂହାର ଓ ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ। ଅପରାହ୍ନ ୫ ଘଟିକା ସମୟରେ ଉଭୟ ସାଂସଦ ପ୍ରାର୍ଥିନୀ ଓ ବିଧାୟକ ପ୍ରାର୍ଥୀ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଏକତାଳି ଠାରୁ ବାହାରି ରାୟାଁରାମଚନ୍ଦ୍ରପୁର ଗ୍ରାମ ସ୍ଥିତ ସଂଗ୍ରାମୀ ନେତା ସ୍ୱର୍ଗତ ଗୌର ଗୋପାଳ ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ଦିବଂଗତ ଆତ୍ମାର ସଦଗତି କରିବା ପରେ କୋଟସାହି, ପାଇକସିଦା, ଚୋରମରା ରାସ୍ତାରେ ଯାଇ ପର୍ଶ୍ଚିମବାର୍ଡ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।



**ଯୋଗଦେଲେ ହାସ୍ୟ ଅଭିନେତା ପ୍ରଜ୍ଞା ଓ ଅଭିନେତ୍ରୀ ପୁନମ୍ ମିଶ୍ର**

## ବିଜେଡିର ଯୁବ ସମାବେଶ

ନୀଳଗିରି, ୨୨।୫(ସମିସ): ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି କିଭଳି ଭାବେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ନୀଳଗିରିରେ ବିଜୟର ବାନା ଉଡ଼ାଇବ ସେ ନେଇ ଏକ ବିଶାଳ ଯୁବ ସମାବେଶ ପଞ୍ଚଲିଙ୍ଗେଶ୍ୱର ପାନ୍ଥଶାଳା ପରିସରରେ ଆୟୋଜନ କରା ଯାଇଥିଲା। ବାଲେଶ୍ୱର ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ାଙ୍କ ନେତୃତ୍ୱ ରେ ଆୟୋଜିତ ସମାବେଶ ରେ ନିର୍ବାଚନ ରଣ ନୀତି ସମ୍ପର୍କରେ ଉପସ୍ଥିତ ଦଳୀୟ ନେତୃବୃନ୍ଦଙ୍କୁ ଅବଗତ କରାଇଥିଲେ। ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ ଦଳୀୟ କର୍ମୀ ମାନଙ୍କୁ ଘରେ ଘରେ ଭୋଟର ମାନଙ୍କ ପାଖକୁ ଯାଇ ସରକାରଙ୍କ ଜନ କଲ୍ୟାଣ କାର୍ଯ୍ୟ ସମ୍ପର୍କରେ ବୁଝାଇ ଭୋଟ ଭିକ୍ଷା ପାଇଁ ଅନୁରୋଧ କରିହିଲେ। ନେତୃ ମଣ୍ଡଳୀ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ତଥା ବିଜେଡ଼ିର ବରିଷ୍ଠ ନେତା ଅମର ପଟ୍ଟନାୟକ, ରାଜ୍ୟ ଯୁଗ୍ମ ବିଜେଡ଼ି ସମ୍ପାଦକ ଗତିକୃଷ୍ଣ ନନ୍ଦ, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ଉଦୟଜ୍ୟୋତି ମହାନ୍ତି, ନୀଳଗିରି ବିଜେଡ଼ି ଏସ୍‌ସି ସେଲ ସଭାପତି ଶରତ ଦାସ, ୧୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣମଞ୍ଜରି ସିଂ ପ୍ରମୁଖ ଯୁବ ସମାବେଶ ରେ ଯୋଗ ଦେଇଥିଲେ।

## ଜାମୁଡ଼ିଆରେ ସୁକାନ୍ତଙ୍କ ନିର୍ବାଚନୀ ପ୍ରଚାର

ନୀଳଗିରି, ୨୨।୫(ସମିସ): ଜାମୁଡିଆ ପଞ୍ଚାୟତ ବାଘମରା ଗାଁରେ ନୀଳଗିରି ବିଜେଡି ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକଙ୍କ ମାରାଥନ୍ ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀ ନାୟକ ଭୋଟର୍ ମାନଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଜନ କଲ୍ୟାଣ କାର୍ଯ୍ୟ ଏବଂ ସମସ୍ତ ସୁବିଧା ସୁଯୋଗ ବିଷୟରେ ବୁଝେଇବା ସହିତ ଶଙ୍ଖ ଚିହ୍ନରେ ମୋହର ମାରି ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଭୋଟ୍ ଭିକ୍ଷା କରିଥିବା ଦେଖିବାକୁ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଚାନ୍ଦମଣି ମୁର୍ମୁ, ପଞ୍ଚାୟତ ସଭାପତି ରାମକୃଷ୍ଣ ମହାପାତ୍ର, ପାଗଲା ନାଏକ, ସନାତନ ପଲେଇ ଏବଂ ସମସ୍ତ ମେମ୍ବର ମାନେ ଉପସ୍ଥିତ ଥିଲେ।

## କଂଗ୍ରେସର ବୁଥ୍‌ସ୍ତରୀୟ ନିର୍ବାଚନୀ ସଭା

ନୀଳଗିରି, ୨୨।୫(ସମିସ): ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସ ପକ୍ଷରୁ ନୀଳଗିରି ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଅକ୍ଷୟକୁମାର ଆଚାର୍ଯ୍ୟ ବ୍ଲକର ନରଣପୁର ପଞ୍ଚାୟତର ନୂଆସାହି ଗ୍ରାମରେ ବୁଥ୍‌ସ୍ତରୀୟ ନିର୍ବାଚନୀ ସଭା କରିଥିଲେ। ଦଳୀୟ ନେତୃବୃନ୍ଦ ମାନଙ୍କ ମଧ୍ୟରେ ବିଜୟ ମହାକୁଡ଼, ସୁରେନ୍ଦ୍ର ଦାସ, କଟେ ସିଂ, କରୁଣାକର ମାଝୀ, ୱାର୍ଡ ସଭ୍ୟା ଇନ୍ଦ୍ରମଣି ପାତ୍ର, ମହିଳା ନେତ୍ରୀ ସୁଲୋଚନା ସାହୁ, କମଳାକାନ୍ତ ନାୟକ, ସୁରେନ୍ଦ୍ର ପାତ୍ର, ମନୋଜ ସିଂ, ଦୀପକ ସିଂ, ଗୁଲାପ ବେହେରାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ଭୋଟର ଉପସ୍ଥିତ ଥିଲେ।


**Format C-1**

(for candidate to publish in Newspapers, TV)

**Declaration about Criminal cases**

(As per the judgment dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India and Anr.)

**Name and Address of Candidate** : **SHRI MADHAB DHADA**, S/o- Naba Dhada, At- Chhatarpur, Po/Ps- Soro, Dist.- Balasore

Name of Political Party : **BIJU JANATA DAL**

Name of Election : **GENERAL ELECTIONS TO STATE LEGISLATIVE ASSEMBLY OF ODISHA-2024**

**Name of Constituency** : **41-SORO(SC) Assembly Constituency**

**I SHRI MADHAB DHADA** (name of candidate), a candidate for the above- mentioned election, declare for public information the following details about my criminal antecedents:

(A) Pending criminal cases

| Sl No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1. | **JMFC, Hemgiri** | **CT No. 197/2005** | **For Trial** | **U/s- 294/506/34 of IPC/ Obscene acts and songs/ criminal intimidation/ common intention** |
| 2. | **JMFC, Hemgiri** | **CT No. 709/2016** | **For Trial** | **U/s- 436/34 of IPC Mischief by fire or explosive substance with intent to destroy house/ common intention** |
| 3. | **JMFC, Hemgiri** | **CT No 788/2020** | **For Trial** | **U/s-206/286/34 of IPC & 9(B) of Explosive Act/ Fraudulent removal or concealment of property to prevent its seizure as forfeited or in execution/ Negligent conduct with respect to explosive substance/ common intention** |
| 4. | **JMFC, Hemgiri** | **CT No- 672/2022** | **For Trial** | **U/s-379/34 & 188 OMMR Act/ Theft/ common intention** |

(B) Detail about cases of conviction for criminal offence(s)

| Sl No. | Name of Court & Date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| 1 | **NA** | **NA** | **NA** |

*In the case of election to Council of States or election to Legislative Council by MLAs, mention the election concerned in the place of name of constituency.

**Sd/- SHRI MADHAB DHADA**



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ କାମଦେବ ଜେନା
(ଅବସରପ୍ରାପ୍ତ ପୋଷ୍ଟମାଷ୍ଟର)
ଗୋବିନ୍ଦପୁର, ପ୍ରିତିପୁର, ଯାଜପୁର
ଆବିର୍ଭାବ: ୨୮.୦୫.୧୯୬୧
ତିରୋଧାନ: ୧୩.୦୫.୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତଜନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ମାଆ- ଲକ୍ଷ୍ମୀ ଜେନା, ପତ୍ନୀ-ସ୍ନେହଲତା ଜେନା, ପୁତ୍ର- ଜନ୍ମେଜୟ, ମୃତ୍ୟୁଞ୍ଜୟ, ଚିରଞ୍ଜିବ, ଚିନ୍ମୟ, ପୁତ୍ରବଧୂ-ଦିପ୍ତିରାଣୀ, ନାତି- ଜୟଦୀପ ଓ ସୁଦ୍ରାଂଶ


## କମର୍ଦ୍ଦା ଓ ଲଙ୍ଗଳେଶ୍ୱରରେ ବିଜେପିର ସଙ୍କଳ୍ପ ସମାବେଶ

ଭୋଗରାଇ/ବସ୍ତା ବ୍ଲକ, ୨୨।୫ (ସମିସ) :

ପ୍ରଧାନମନ୍ତ୍ରୀ ମୋଦିଙ୍କ ଅନୁମୋଦନରେ ଦୀଘା-ଜଳେଶ୍ୱର ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଜଳେଶ୍ୱର-ଚନ୍ଦନେଶ୍ୱର ରେଳ ପ୍ରକଳ୍ପ ନିର୍ମାଣ ପାଇଁ ୯୩୯ କୋଟି ଟଙ୍କା ଡିପିଆର ପ୍ରସ୍ତୁତ ହେବା ସହିତ ସରକାରୀ ମଞ୍ଜୁରୀ ପାଇବା ଅପେକ୍ଷାରେ ରହିଛି। ନିର୍ବାଚନ ପରେ ନିଶ୍ଚିତ ଭାବେ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପକ୍କାଘର ନଥିବା ୧୫ ଲକ୍ଷ ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇ ଦିଆଯିବ ବୋଲି କମର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ଆଖୁବାଡି ପଡ଼ିଆରେ ବିଜେପି ପକ୍ଷରୁ ଆୟୋଜିତ ସଙ୍କଳ୍ପ ସମାବେଶରେ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ରେଳ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମତବ୍ୟକ୍ତ କରିଥିଲେ। ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତିଙ୍କ ପୌରୋହିତ୍ୟରେ ଏବଂ ଯୁବ ନେତା ମାନସ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗ ଦେଇ ବହୁ ପ୍ରତିକ୍ଷିତ ଦୀଘା - ଜଳେଶ୍ୱର ରେଳ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବାକୁ ଯାଇ ଚଳିତ ବର୍ଷ ଅନ୍ତରୀଣ ବଜେଟରେ ୧ ହଜାର କୋଟି ଟଙ୍କା ମଞ୍ଜୁରୀ ସମ୍ପର୍କରେ କୌଣସି ଉତ୍ତର ଦେଇନଥିଲେ। କେବଳ କହିଥିଲେ ଯେ, ନିର୍ବାଚନ ପରେ ଏହି ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

ସେହିପରି ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱରଠାରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଜେପି ର ଏକ ନିର୍ବାଚନୀ ସଭା ରେ ଯୋଗଦେଇ ପ୍ରତାପ ଷଡଙ୍ଗୀ ଓ ରବୀନ୍ଦ୍ର ଅଣ୍ଡିଆଙ୍କୁ ବିଜୟ ପାଇଁ ଭୋଟର ଓ ବିଜେପି କର୍ମୀଙ୍କୁ ନିବେଦନ କରିଥଲେ। ବସ୍ତାରେ ଦକ୍ଷିଣ କ୍ୟାବିନ ଠାରେ ଏକ ଓଭର ବ୍ରିଜ ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିବା ବେଳେ ମନ୍ତ୍ରୀ ବସ୍ତା ବ୍ଲକର ବସ୍ତା, ଉତ୍ତର କେବିନ୍ ଠାରେ ମୟୂରଭଞ୍ଜ ଓ ବାଲେଶ୍ୱରକୁ ସଂଯୋଗ କରୁଥିବା ଖୁଣ୍ଟା ଫାଟକ ଠାରେ ଓ ଅମର୍ଦ୍ଦା ରୋଡକୁ ମିଶାଇ ୩ଟି ଓଭର ବ୍ରିଜ, ବସ୍ତା ଓ ରୂପସା ଷ୍ଟେସନରେ ପୂର୍ବ ଭଳି ଟ୍ରେନ ରହଣୀ, ଅମର୍ଦ୍ଦା ରୋଡରୁ ବାଲିଆପାଳକୁ ପାସେଞ୍ଜର ଚାଲିବ ବୋଲି ଘୋଷଣା କରିଥିଲେ।




## ନିର୍ବାଚନ ଦାୟିତ୍ୱରେ ଥିବା ବିଏଲଓଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗ

ବାଲେଶ୍ୱର, ୨୨।୫(ସମିସ): ଚଳିତ ସାଧାରଣ ନିର୍ବାଚନର ମତଦାନ ଦିବସ ପାଖେଇ ଆସିଲାଣି। ବୁଥ ଲେବଲ ଅଧିକାରୀ (ବିଏଲଓ)ମାନେ ଘରେଘରେ ବୁଲି ମତଦାତା କ୍ରମିକ ସଂଖ୍ୟା ଚିରକୁଟ ବାଣ୍ଟୁଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ବୁଥ ଗୁଡିକରେ ମତଦାତା ମାନଙ୍କୁ ଚିରକୁଟ ବଣ୍ଟନ କରାଯାଉଛି। ମାତ୍ର ପୌରପାଳିକାର ବୁଥନମ୍ବର ୧୪୭ର ଗୋଧିବସା ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ମତଦାତା ମାନଙ୍କୁ ଚିରକୁଟ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହେଉଛି। ତେବେ ବୁଥ ନମ୍ବର ୧୪୭ର ବିଏଲଓ ଅଛନ୍ତି, ସ୍ଥାନୀୟ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଉମାମଣି ନାୟକ। ଦୀର୍ଘଦିନ ଧରି ଶିକ୍ଷୟିତ୍ରୀ ନାୟକ ବିଏଲଓ କାର୍ଯ୍ୟଭାର ନେଇଥିଲେ ବି, ନିଜେ କାର୍ଯ୍ୟ ନକରି ଅନ୍ୟ ମାନଙ୍କ ଦ୍ୱାରା କାର୍ଯ୍ୟ କରୁଥିବାର ଅଭିଯୋଗ ହେଉଛି। ଏହିଭଳି ଅଭିଯୋଗ ଶିକ୍ଷୟିତ୍ରୀ ନାୟକଙ୍କ ବିରୁଦ୍ଧରେ ତତ୍କାଳୀନ ଜିଲ୍ଲାପାଳ ସୁଦର୍ଶନ ଚକ୍ରବର୍ତ୍ତିଙ୍କ ଠାରେ ପୂର୍ବରୁ ହେଇଥିଲା। ବିଏଲଓ ନାୟକଙ୍କ ବିରୁଦ୍ଧରେ ତଦନ୍ତ ମୂଳକ ପଦକ୍ଷେପ ନେବାପାଇଁ ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତିଙ୍କ ତରଫରୁ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇ ଥିଲା। ମାତ୍ର ପୌରପାଳିକା କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଏଲଓ ନାୟକଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ବିଏଲଓ ମାନଙ୍କୁ ଯେତେବେଳେ ପ୍ରଶିକ୍ଷଣ ଦିଆଗଲା, ସମ୍ପୃକ୍ତ ପ୍ରଶିକ୍ଷଣ ଶିବିରକୁ ବିଏଲଓ ନାୟକ ନିଜେ ନଯାଇ ତାଙ୍କ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ରର ଶିକ୍ଷୟିତ୍ରୀ ନିର୍ବାସିନୀ ବେହେରାଙ୍କୁ ପଠାଇ ଥିଲେ। ପୁଣି ମତଦାନ ପୂର୍ବରୁ ବିଏଲଓ ମାନେ ନିଜ ବୁଥର ମତଦାତା ମାନଙ୍କ ଘରକୁଘର ଯାଇ ମତଦାତା ମାର୍ଗ ଦର୍ଶିକା ବାଣ୍ଟିଛନ୍ତି। ମାତ୍ର ବିଏଲଓ ନାୟକ ନିଜେ ନଯାଇ ଏହି ମତଦାତା ମାର୍ଗ ଦର୍ଶିକା ପତ୍ର ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ବାଣ୍ଟିଛନ୍ତି। ହେଲେ ଅଧିକାଂଶ ମତଦାତାଙ୍କ ଘରେ ଏହି ମାର୍ଗଦର୍ଶିକା କାର୍ଡ ଦିଆଯାଇ ନାହିଁ। ଏହାବାଦ ମତଦାନ ଦିବସ ଆସିବା ପୂର୍ବରୁ ବିଏଲଓ ମାନେ ନିଜନିଜ ବୁଥରେ ଘରକୁଘର ଯାଇ ମତଦାତା କ୍ରମିକ ନମ୍ବର ଚିରକୁଟ ବାଣ୍ଟୁଛନ୍ତି। ମାତ୍ର ବିଏଲଓ ନାୟକ ଏହି ଚିରକୁଟ ବାଣ୍ଟିବାକୁ ନିଜେ ନ ଯାଇ, ସ୍ଥାନୀୟ ଅଙ୍ଗନୱାଡି ଶିକ୍ଷୟିତ୍ରୀ ନିର୍ବାସିନୀ ପ୍ରଧାନଙ୍କୁ ବାଣ୍ଟିବା ପାଇଁ ଦେଇଥିଲେ। ମାତ୍ର ସ୍ଥାନୀୟ ମତଦାତାଙ୍କ ପକ୍ଷରୁ ଅଭିଯୋଗ ହେବାରୁ ଅଙ୍ଗନୱାଡି ଶିକ୍ଷୟିତ୍ରୀ ପ୍ରଧାନ ଆଉ ଚିରକୁଟ ବାଣ୍ଟି ନାହାନ୍ତି। ଏ ବାବଦରେ ସ୍ଥାନୀୟ ୨୨ନମ୍ବର ୱାର୍ଡର କାଉନସିଲର ଦେବାଶିଷ ସିଂ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀ ସିଂଙ୍କ କହିବା ଅନୁଯାୟୀ ନିର୍ବାଚନ ଦାୟିତ୍ୱରେ ଥିବା ଯେକୌଣସି ଅଧିକାରୀ କିମ୍ବା କର୍ମଚାରୀ ଗୁରୁତ୍ୱ ସହିତ ନିର୍ବାଚନ କାର୍ଯ୍ୟ କରିବାକୁ ସରକାର କଡା ନିର୍ଦ୍ଦେଶ ରହିଛି। ମାତ୍ର ପୌରପାଳିକାର ବିଭିନ୍ନ ୱାର୍ଡରେ ଚିରକୁଟ ବାଣ୍ଟି ଦିଆଯାଇ ଥିଲାବେଳେ ୧୪୭ ନମ୍ବର ବୁଥରେ ବର୍ତ୍ତମାନ ସୁଦ୍ଧା କୌଣସି ମତଦାତାଙ୍କ ଘରେ ଚିରକୁଟ ଦିଆଯାଇ ନାହିଁ। ନିର୍ବାଚନ ଜାରି ରହିଥିବା ସମୟରେ ବିଏଲଓଙ୍କ ତରଫରୁ ଏଭଳି ଅବହେଳା କରାଯାଉଛି କାହିଁକି ବୋଲି ଶ୍ରୀ ସିଂ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ପୌରପାଳିକାର ନିର୍ବାଚନ ଦାୟିତ୍ୱରେ ଥିବା ଡିଲିଂ ଆସିଷ୍ଟାଣ୍ଟ ନଇମ ବାବୁ କହିଛନ୍ତି, ୧୪୭ ନମ୍ବର ବୁଥରେ ବିଏଲଓ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ନାୟକଙ୍କ ଶାରୀରିକ ଅସୁସ୍ଥତା ଥିଲା। ସେ ଆସନ୍ତାକାଲି ଠାରୁ ଘରେଘରେ ବୁଲି ମତଦାତାଙ୍କୁ ଚିରକୁଟ ପ୍ରଦାନ କରିବେ।

## ଭଣଜା ଆକ୍ରମଣରେ ମାଇଁ ଗୁରୁତର ଅଭିଯୋଗ

ସୋର, ୨୨।୫(ସମିସ): ସୋର ବ୍ଲକ କେଦାରପୁର ପଞ୍ଚାୟତ କେଦାରପୁର ଗ୍ରାମରେ ଭଣଜାର ମରଣାନ୍ତକ ଆକ୍ରମଣରେ ମାଇଁ ଗୁରୁତର ଆହତ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଏହି ଗ୍ରାମର ଦାଶରଥି ପାତ୍ର ଗତକାଲି ରାତିରେ ଖାଇ ସାରି ବାହାରକୁ ହାତ ଧୋଇବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଭଣଜା ଲକ୍ଷ୍ମୀକାନ୍ତ ନାୟକ ବିଭିନ୍ନ ରାଜନୈତିକ ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିଲେ। ଫଳରେ ଦାଶରଥି ଏହାକୁ ବିରୋଧ କରିବାରୁ ଲକ୍ଷ୍ମୀକାନ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ଦାଶରଥିଙ୍କ ସ୍ତ୍ରୀ ଶାନ୍ତିଲତା ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ତାଙ୍କର ଶିକାର ହୋଇଥିଲେ। ଏ ବାବଦରେ ଗତକାଲି ରାତିରେ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଆଜି ସକାଳେ ଲକ୍ଷ୍ମୀକାନ୍ତଙ୍କ ପରିବାର ଲୋକେ ପୁଣି ଥରେ ଶାନ୍ତିଲତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଶାନ୍ତିଲତା ଗୁରୁତର ଆହତ ହେବା ସହିତ ତାଙ୍କ ଝିଅ ଏବଂ ସ୍ୱାମୀ ଆହତ ହୋଇଛନ୍ତି। ଫଳରେ ଶାନ୍ତିଲତା ସୋର ମେଡିକାଲରେ ଚିକିତ୍ସିତ ହୋଇ ଆଜି ପୂର୍ବାହ୍ନରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ସୋର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ୩୪ ନମ୍ବର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

## ଭୋଗରାଇର ସର୍ବାଙ୍ଗୀନ ବିକାଶ ମୋର ପ୍ରାଥମିକତା: ଗୌତମବୁଦ୍ଧ

ବାଲେଶ୍ୱର(ଉତ୍ତର)/ଚୌକି/ଚନ୍ଦନେଶ୍ୱର, ୨୨।୫(ସମିସ):





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ବିକାଶ ପୁରୁଷ। ଦୀର୍ଘ୨୫ବର୍ଷ ଧରି ଓଡ଼ିଶା ବାସୀଙ୍କୁ ନିଜ ପରିବାର ଭଳି ଭାବି ସେବା କରିଆସୁଛନ୍ତି। ସମାଜର ସବୁ ସ୍ତରର ଜନତାଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସୁଖ ଦୁଃଖ ବୁଝିଛନ୍ତି। ସେହିପରି ଓଡ଼ିଶାର ସାମଗ୍ରିକ ବିକାଶ ଆଜି ସମଗ୍ର ଦେଶକୁ ଚକିତ କରିଛି। ଭୋଗରାଇରେ ମଧ୍ୟ ସବୁକ୍ଷେତ୍ରରେ ବିକାଶ ହୋଇଛି। ଧାନ, ପାନ ଓ ମୀନ ଭୋଗରାଇ ବାସୀଙ୍କ ଜୀବନ ଧାରଣ କରିବାର ମୂଳ ଉତ୍ସ ହୋଇଥିବା ବେଳେ ପାନ ଚାଷକୁ କୃଷିର ମାନ୍ୟତା ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିବା କଂଗ୍ରେସ ନେତୃତ୍ୱାଧିନ ୟୁପିଏ ଓ ବିଜେପି ନେତୃତ୍ୱାଧିନ ଏନଡିଏ ପରିଚାଳିତ କେନ୍ଦ୍ରସରକାର ଏଥିପ୍ରତି ଦୃଷ୍ଟି ଦେଉନଥିଲେ। ମାତ୍ର ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦେବା ସହ ବିନା ସୁଧରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇ ସାରା ରାଜ୍ୟରେ ପାନ ଚାଷୀଙ୍କ ମୁହଁରେ ହସ ଫୁଟାଇଛନ୍ତି। ଚାଷୀ ମାନଙ୍କୁ ୨୫୦୦ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ଆରମ୍ଭ ହୋଇଥିଲା ବେଳେ ଖୁବଶୀଘ୍ର ସମସ୍ତ ଚାଷୀଙ୍କୁ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ବର୍ଷ ବର୍ଷ ଧରି ଦକ୍ଷିଣ ଭୋଗରାଇ ଅଞ୍ଚଳର ଚାଷ ଜମିରେ ପାଣିଜମିବା କାରଣ ରୁ ଫସଲ ନଷ୍ଟ ହେଉଥିଲା ବେଳେ ମାନ୍ୟବର ଜଳ ନିଷ୍କାସନ ପାଇଁ ୧୦୦କୋଟି ଟଙ୍କା ମଞ୍ଜୁର କରିଛନ୍ତି, ଖୁବଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେଉଥିବା ବେଳେ ଉତ୍ତର ଭୋଗରାଇ ରୁ ଜଳ ନିଷ୍କାସନ ପାଇଁ ମଧ୍ୟ ସର୍ଭେ ଶେଷ ହୋଇଛି। କେବଳ ସେତିକି ନୁହଁ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ ଗାଁ ଗାଁ ରେ ମଠ, ମନ୍ଦିର, ମସଜିଦର ଉନ୍ନତି କରଣ କରାଯାଉଛି। ତେଣୁ ଏହି ବିକାଶ ପ୍ରକ୍ରିୟାକୁ ଜାରୀ ରଖିବା ପାଇଁ ପୁଣି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ସୁଯୋଗ ଦେବା ପାଇଁ ଶଙ୍ଖ ଚିହ୍ନରେ ଦୁଇଥର ବିଧାୟକ ଓ ସାଂସଦଙ୍କୁ ଜିତାଇବାକୁ ଆଜି ଭୋଗରାଇ ନିର୍ବାଚନ ମଣ୍ଡଳୀ ୩୪ନଂ ଜୋନ ସୁହୁରିଆ ଜଗନ୍ନାଥ ପଡ଼ିଆ ଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେଇ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ କହିଛନ୍ତି। ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ, ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବ୍ଲକ ଉପାଧ୍ୟକ୍ଷ୍ୟା ମୀନାରାଣୀ ସାସମଲ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭୁବନାନନ୍ଦ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ମଞ୍ଜୁରାଣୀ ବେହେରା, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ନିବେଦିତା ମହାନ୍ତି, ପ୍ରତିମା ଚାନ୍ଦ, ପଞ୍ଚାୟତ ସଭାପତି ଗୋପାଳ ଚନ୍ଦ୍ର ସାହୁ, ସର୍ବେଶ୍ୱର ପ୍ରଧାନ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ହେମନ୍ତ କୁମାର ବେହେରା, ନଳିନୀ କାନ୍ତ ସେଠୀ, ପ୍ରଦୀପ କୁମାର ମହାନା ଜଳସହରିଆ ସରପଞ୍ଚ ସିନ୍ଧୁମତି ଦଳାଇ, ସଦସ୍ୟ ଲକ୍ଷ୍ମୀକାନ୍ତ ଆଧେକ ପ୍ରମୁଖ ଯୋଗ ଦେଇ ବ୍ୟକ୍ତବ୍ୟ ରଖିଥିଲେ। ଆସନ୍ତା ଜୁନ ୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତ ସିଂହାର, ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସଙ୍କୁ ଶଙ୍ଖ ଚିହ୍ନରେ ସୁଇଚ ଚିପି ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସଭାରେ ବିଭିନ୍ନ ପଞ୍ଚାୟତର କର୍ମୀ ଓ ନେତା ମାନେ ଯୋଗ ଦେଇଥିବା ବେଳେ ଶହ ଶହ କର୍ମୀ ମାନେ ବିଧାୟକ ପ୍ରାର୍ଥୀଙ୍କୁ ଥାନା ଛକ ଠାରୁ ମଟର ସାଇକେଲ ଶୋଭାଯାତ୍ରାରେ ସଭା ସ୍ଥଳ କୁ ପାଛୋଟି ନେଇଥିଲେ। ଶେଷରେ ବିଜେଡି ଜିଲ୍ଲା ଉପସଭାପତି ତପନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାସ୍ମିତାଙ୍କ ନିର୍ବାଚନୀ ପ୍ରଚାର



ବାଲେଶ୍ୱର, ୨୨।୫(ସମିସ): ସଦର ବ୍ଲକ ରେମୁଣା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ପଦ୍ମପୁର, ବର୍ଦ୍ଧନପୁର, ଜୟଦେବକସବା ଏବଂ ଶ୍ରୀଜଙ୍ଗ ଗ୍ରାମ ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ ଘରକୁଘର ବୁଲି ପ୍ରଚାର କରିଥିବା ବେଳେ ଜୟଦେବ କସବାର ୧୩ଟି ୱାର୍ଡରେ ଅନୁଷ୍ଠିତ ରୋଡ଼୍ ଶୋ'ରେ ସାମିଲ ହୋଇଥିଲେ। ନିଜ ସ୍ୱାମୀଙ୍କ ବାଇକ ପଛରେ ବସି ଲୋକଙ୍କ ନିକଟରେ ପହଞ୍ଚିଥିଲେ ବିଦ୍ୟାସ୍ମିତା। ଉଭୟ ସାଂସଦ ଏବଂ ବିଧାୟକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜେଡିର ଶକ୍ତି ବୃଦ୍ଧି କରିବା ସହ ଷଷ୍ଠଥର ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଭୋଟର ମାନଙ୍କୁ ନିବେଦନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସଞ୍ଜୟ କୁମାର ବଳ, ଅମୂଲ୍ୟ ଦାସ, ସରପଞ୍ଚ କମଳ ଲୋଚନ ପଣ୍ଡା, ଅଜୟ ମହାଳିକ, ନବଘନ ବେହେରା, ବସନ୍ତ ବେହେରା, ମୁକ୍ତିକାନ୍ତ ଦାସ, ଆଦିତ୍ୟ ମଲ୍ଲିକ, ଦାଶରଥି ଦାସ, ଭୀମଚରଣ ଜେନା, ପଞ୍ଚାନନ ପାତ୍ର, ପରିମଳ ସିଂ, କିଙ୍ଗସୁ ବର୍ମାନ, ମିଥୁନ ଦଳେଇ, ଜୟନ୍ତ ମଲ୍ଲିକ, ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଏମ୍‌ସିଏମ୍‌ସି କେନ୍ଦ୍ର ପରିଦର୍ଶନ



ବାଲେଶ୍ୱର, ୨୨।୫(ସମିସ): ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିକାଶ ସିଂ ଆଜି ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଠାରେ ଚାଲୁଥିବା ଗଣମାଧ୍ୟମ ପ୍ରମାଣନ ଏବଂ ଯାଞ୍ଚ କମିଟି (ଏମସିଏମସି) କେନ୍ଦ୍ର ପରିଦର୍ଶନ କରିଛନ୍ତି ଓ ଏହି ପରିଦର୍ଶନ କରି ଏମସିଏମସି ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟ ପରିଚାଳନା ସମ୍ପର୍କରେ ଶ୍ରୀ ସିଂ ପଚାରି ବୁଝିଥିଲେ ଓ ବିଭିନ୍ନ ପ୍ରିଣ୍ଟ, ବୈଦ୍ୟୁତିକ ଓ ସୋସିଆଲ ମିଡ଼ିଆରେ ପ୍ରକାଶିତ ଖବର ଉପରେ ଦୃଷ୍ଟିରଖିବା ସହ ତାହାର ତଥ୍ୟ ପର୍ଯ୍ୟବେକ୍ଷକଙ୍କୁ ନିୟମିତ ପ୍ରଦାନ କରାଯାଉଥିବା ଦେଖି ସେ ସନ୍ତୋଷ ପ୍ରକାଶ କରିଥିଲେ ଓ ସେହିଭଳି ପ୍ରିଣ୍ଟ, ବୈଦ୍ୟୁତିକ ଚାନେଲ ଓ ସୋସିଆଲ ମେଡିଆକୁ ନିୟମିତ ଅନୁଧ୍ୟାନ କରି ପେଡ୍ ନ୍ୟୁଜ୍ ଗୁଡିକ ଉପରେ ଭାରତ ନିର୍ବାଚନ ଆୟୋଗର ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଓ ଏମସିଏମସି କାର୍ଯ୍ୟରେ ନିୟୋଜିତ ରାହୁଲ କୁମାର ସିଂ ଓ ରାଜୀବ ଲୋଚନ ନାୟକ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରିବା ସହ ଏମସିଏମସି ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ ଓ ବୈଦ୍ୟୁତିକ, ରେଡିଓ, ପ୍ରିଣ୍ଟ ଏବଂ ଡିଜିଟାଲ ମିଡିଆ ସମେତ ବିଭିନ୍ନ ମିଡିଆ ପ୍ଲାଟଫର୍ମରେ ବିଜ୍ଞାପନକୁ ପ୍ରମାଣିତ କରିବା ପାଇଁ କାର୍ଯ୍ୟ ପ୍ରବାହକୁ ଶ୍ରୀ ସିଂ ନିରୀକ୍ଷଣ କରିଥିଲେ। ଏଥି ସହିତ ଶ୍ରୀ ସିଂ ନିର୍ଦ୍ଦେଶାବଳୀର ସମ୍ଭାବ୍ୟ ଉଲ୍ଲଙ୍ଘନକୁ ଚିହ୍ନଟ କରିବା ଏବଂ ଏହାର ସମାଧାନ ପାଇଁ ରହିଥିବା ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ପର୍ଯ୍ୟବେକ୍ଷକଙ୍କ ଲିଆସନିଂ ଅଧିକାରୀ କ୍ଷିତୀଶ ପଣ୍ଡା ଉପସ୍ଥିତ ଥିଲେ ଓ ସୂଚନା ଯୋଗ୍ୟ ଯେ ଶ୍ରୀ ସିଂ ୦୬-ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ କାର୍ଯ୍ୟର ପର୍ଯ୍ୟବେକ୍ଷଣ ଓ ଅନୁଧ୍ୟାନ କରୁଛନ୍ତି।

### ସମ୍ଭାବ୍ୟ ବର୍ଷା ପାଇଁ ପ୍ରସ୍ତୁତ ବାଲେଶ୍ୱର ପ୍ରଶାସନ

## ଆଭାସୀ ମାଧ୍ୟମରେ ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲାପାଳ

ବାଲେଶ୍ୱର, ୨୨।୫(ସମିସ):

ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଆସନ୍ତା ୨୫ ଓ ୨୬ ତାରିଖରେ ହେବାକୁ ଥିବା ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଆଜି ଆଭାସୀ ମାଧ୍ୟମରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଅଗ୍ନିଶମ, ପୁଲିସ, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ଟିପିଏନଓଡିଏଲ, ସୂଚନା ଓ ଲୋକସମ୍ପର୍କ, ଶିକ୍ଷା, ବେସାମରିକ ଯୋଗାଣ, ଆଞ୍ଚଳିକ ପରିବହନ ଓ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ଆଦି ବିଭାଗର ବରିଷ୍ଠ ଅଧିକାରୀଗଣ ଯୋଗ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ଜରୁରୀକାଳୀନ ଅପରେସନ ସେଣ୍ଟର, ବ୍ଲକ, ତହସିଲ ଏବଂ ସମସ୍ତ ଲାଇନ ବିଭାଗର କଣ୍ଟ୍ରୋଲ ରୁମର ୨୪/୭ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆ ଯାଇଥିଲା ଓ ଆବଶ୍ୟକସ୍ଥଳେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ ରହିବେ। ସମସ୍ତ ବିଡ଼ିଓ, ତହସିଲଦାର ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ପାଇଁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୃଦ୍ଧ, ଅଶକ୍ତ, ଶାରିରୀକ ଅକ୍ଷମ, ମହିଳା ଓ ଶିଶୁଙ୍କୁ ସ୍ଥାନାନ୍ତର ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦିଗରେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ମତ ପ୍ରକାଶ କରାଯାଇଥିଲା। ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଯୋଗାଣ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଉପଲବ୍ଧ କରାଯିବ। ଅନ୍ୟ ସରକାରୀ କୋଠାଗୁଡ଼ିକୁ ମଧ୍ୟ ଆଶ୍ରୟସ୍ଥଳ ଭାବେ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି। ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବ୍ୟବସ୍ଥା କରାଯିବ। ପ୍ରଭାବିତ ଅଞ୍ଚଳଗୁଡିକରେ ନିରାପଦ ପାନୀୟ ଜଳ, ଔଷଧ, ଗୋଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରାଯିବା ପାଇଁ ଆଦେଶ ଦିଆଯାଇଛି। ଭ୍ରାମ୍ୟମାଣ ଡାକ୍ତରୀ ଦଳ ଓ ଗୋ-ସ୍ୱାସ୍ଥ୍ୟ ଶିବିର ପାଇଁ ଆଗୁଆ ବ୍ୟବସ୍ଥା କରାଯିବ। ପ୍ରଭାବିତଙ୍କୁ ରିଲିଫ୍ ସାମଗ୍ରୀ ପରିବହନ ପାଇଁ ତୁରନ୍ତ ସଡ଼କ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ବିଶେଷ ଗୁରୁତ୍ୱ ବହନ କରୁଥିବା ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅଧିକାରୀମାନଙ୍କୁ ସେଥି ପ୍ରତି ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ଆଦେଶ ଦେଇଥିଲେ ଓ ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଉଦ୍ଧାର କାର୍ଯ୍ୟରେ ପିଆରଆଇ ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ଲୋକମାନେ ଭୟଭୀତ ନହେବା ପାଇଁ ଏବଂ ଆବଶ୍ୟକସ୍ଥଳେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପାଇଁ ସରକାରୀ ଅଧିକାରୀଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

## ବିଜେଡିର ବୁଥସ୍ତରୀୟ କର୍ମୀ ସମ୍ମିଳନୀ



ବାଲିଆପାଳ, ୨୨।୫(ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତର ଶ୍ରୀରାମପୁର ଏବଂ ମଇଁଷାମୁଣ୍ଡା ଗ୍ରାମରେ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡିର ବୁଥସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମପୁରରେ ଆୟୋଜିତ ବୁଥସ୍ତରୀୟ କର୍ମୀ ସମ୍ମିଳନୀରେ ପଞ୍ଚାୟତର ସଭାପତି ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରି ଏକ ସମୃଦ୍ଧ ଏବଂ ବିକଶିତ ବସ୍ତା ଓ ବାଲିଆପାଳ ଗଠନ କରିବା ପାଇଁ ଶଙ୍ଖ ଚିହ୍ନରେ ଦୁଇଥର ବଟନ୍ ଦବାଇ ଜୟଯୁକ୍ତ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କ ଝିଅ ସୁମନ ସରିତା ଜେନା ଯୋଗଦେଇ ମା' ସୁବାସିନୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ବରିଷ୍ଠ ନେତା ଅମୂଲ୍ୟ କୁମାର ସେଠୀ, ପରମାନନ୍ଦ ଜେନା, ସୁକାନ୍ତ କୁମାର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମମତା ବିଶ୍ୱାଳ, ଯୁଗଳ କିଶୋର ପାତ୍ର, ନିତ୍ୟାନନ୍ଦ ଜେନା, ଯୁବନେତା ଜୟ ନାରାୟଣ ଜେନା ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ସେହିପରି ମଇଁଷାମୁଣ୍ଡା ଗ୍ରାମରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ଆସନ୍ତା ଜୁନ୍ ୧ ତାରିଖ ବସ୍ତା ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଶଙ୍ଖ ଚିହ୍ନରେ ଦୁଇଥର ଭୋଟ ଦେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠନେତା ରମାକାନ୍ତ ସାହୁ, ଶରତ କୁମାର ସାହୁ, ହୃଦାନନ୍ଦ ସାହୁ, ବଂଶୀଧର ସାହୁ, ବଂଶୀଧର ମାଣିକ, ସପନ କୁମାର ସାହୁ ପ୍ରମୁଖ ଏବଂ ଶତାଧିକ ପୁରୁଷ ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

# ରାଧାକୃଷ୍ଣ ମନ୍ଦିରରୁ ୮ ଲକ୍ଷର ସୁନାରୁପା ଅଳଙ୍କାର ଚୋରି

ଭୋଗରାଇ, ୨୨।୫ (ସମିସ) :

ଭୋଗରାଇ ବ୍ଲକ ଅଞ୍ଚଳରେ ଦିନକୁ ଦିନ ଚୋର ଲୁଟେରାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି । ନିୟମିତ ବ୍ୟବଧାନରେ ରାସ୍ତା ପାର୍ଶ୍ୱ ମନ୍ଦିର ଓ ଲୋକଙ୍କ ଘରୁ ବିପୁଳ ପରିମାଣର ଆସବାବପତ୍ର, ନଗଦ ଟଙ୍କା, ସୁନାରୂପା ଅଳଙ୍କାର ଚୋରି ହେଉଛି । ଚୋରି କରି ଦୁର୍ବୃତ୍ତ ମାନେ ସହଜରେ ଖସି ଯାଉଛନ୍ତି । ଚୋର ଧରିବା ତ' ଦୂରର କଥା ପୁଲିସ ଏହାର ସାମାନ୍ୟତମ ସୂଚନା ମଧ ପାଇପାରୁ ନାହିଁ । ତଦନ୍ତ ପାଇଁ ପୁଲିସ ସାଇଣ୍ଟିଫିକ ଟିମ୍ ଓ ପୁଲିସ ସନ୍ଧାନୀ କୁକୁର ଆସୁଥିଲେ ମଧ କୌଣସି ସଫଳତା ମିଳିପାରୁ ନାହିଁ । ଚଳିତ ବର୍ଷ କିଛି ଦିନ ବ୍ୟବଧାନରେ ଉତ୍ତର ଭୋଗରାଇର ବିଭିନ୍ନ ୫/୬ଟି ମନ୍ଦିରରେ ଚୋରି ହୋଇଥିଲା ବେଳେ ଗତ ବୁଧବାର ବିଳମ୍ବିତ ରାତିରେ ସୋହରିଆ ପଞ୍ଚାୟତ ଅନ୍ତର୍ଗତ ଝାଡସିମୁଳିଆ ଗାଁର ମା' ଖରାଖାଇ ଠାକୁରାଣୀ ମନ୍ଦିର ଏବଂ କଖଡା ପଞ୍ଚାୟତ ଅନ୍ତର୍ଗତ ତଲାଡି ଗ୍ରାମର ମା' ମଙ୍ଗଳା ମନ୍ଦିର ଓ ଭାଗବତ ଟୁଙ୍ଗୀରେ ଥିବା ରାଧାକୃଷ୍ଣ ମନ୍ଦିରରୁ ୧୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନାରୂପା ଅଳଙ୍କାର, ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା । ପୁଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ତଦନ୍ତ କରିଥିଲେ ମଧ ଚୋରି ସାମଗ୍ରୀ ତ ଦୂରର କଥା ଚୋରଙ୍କ ସନ୍ଧାନ ଏପର୍ଯ୍ୟନ୍ତ ମିଳିପାରି ନାହିଁ । ପୁଣି ମଙ୍ଗଳବାର ବିଳମ୍ବିତ ରାତିରେ ଭୋଗରାଇ ଥାନା ଅନ୍ତର୍ଗତ ପଥରେଶ୍ୱର ଓ ନାଫରାଇ ଗାଁ ଦ୍ୱୟର ସଂଯୋଗସ୍ଥଳରେ ଥିବା ରାଧାକୃଷ୍ଣ



ମନ୍ଦିରରୁ ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନାରୂପା ଅଳଙ୍କାର, ନଗଦ ଟଙ୍କା ଓ ସମସ୍ତ କଂସାବାସନ, ଆସବାବପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି ।

ପ୍ରକାଶ ଯେ, ଭୋଗରାଇ ଥାନା ଅନ୍ତର୍ଗତ ଜଗନ୍ନାଥପୁର - ଭୁଷଣ୍ଡେଶ୍ୱର ଭାୟା ଫୁଲବଣୀ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥ ପଥରେଶ୍ୱର ଓ ନାଫରାଇ ଗାଁ ସଂଯୋଗସ୍ଥଳରେ ରାଧାକୃଷ୍ଣ ମନ୍ଦିର ରହିଛି । ମଙ୍ଗଳବାର ବିଳମ୍ବିତ ରାତିରେ ଏହି ମନ୍ଦିରର ୩ଟି ଗ୍ରୀଲ ଗେଟ ତାଲା କାଟି କଳାକନା ବୁଲାଇଛି ଚୋର । ବୁଧବାର ସକାଳେ ମନ୍ଦିରର ପୂଜକ ଠାକୁରଙ୍କ ଦୈନନ୍ଦିନ ନିତ୍ୟକର୍ମ ସମ୍ପାଦନ ପାଇଁ ମନ୍ଦିରରେ ପହଞ୍ଚିଥିଲା ବେଳେ ଗ୍ରୀଲ ଗେଟ ଭାଙ୍ଗି ମନ୍ଦିରରୁ ସବୁ କିଛି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ କିଛି ଦେଖିବା ପରେ ଏହାକୁ ନେଇ ଥାନାରେ ଖବର ଦେଇଥିଲେ । ପ୍ରାୟ ଦେଢ଼ କିଲୋଗ୍ରାମ ଓଜନର ରୁପା ନିର୍ମିତ ରାଧାକୃଷ୍ଣଙ୍କ ୨ ଟି ଚୁଡ଼ା (ମୁକୁଟ), ବଇଁଶୀ, ୩୦ ଟି ପାଦୁକା ଏବଂ ୫୦ ଗ୍ରାମ ଓଜନର ୨୧ଟି ସୁନା ପାଦୁକା ସହିତ ଦାନବାକ୍ସରେ ଥିବା ୫ ହଜାର ଟଙ୍କାରୁ ଅଧିକ ନଗଦ ଟଙ୍କା, କଂସା ବାସନ, ପୂଜା ସାମଗ୍ରୀ ଏବଂ ସମସ୍ତ ଆସବାବପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏହାର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି । ଉଭୟ ଗ୍ରାମବାସୀଙ୍କ ଏକ ଲିଖିତ ଅଭିଯୋଗ ମୂଳେ ଭୋଗରାଇ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ଦିବ୍ୟକାମ ମହାନ୍ତିଙ୍କ ନିର୍ବାଚନୀ ଇସ୍ତାହାର



ଜଳେଶ୍ୱର ବ୍ଲକ, ୨୨।୫ (ସମିସ) : ଜଳେଶ୍ୱର ସ୍ଥିତ ମୂରଲୀ କଲ୍ୟାଣ ମଣ୍ଡପରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଦୀର୍ଘ ଦିନ ଧରି ବିଜେପିର ସଂଗଠନ ସହିତ ଜଡିତ ଥିବା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପୁତ୍ର ଦିବ୍ୟକାମ ମହାନ୍ତି ଦଳ ଟିକଟ ପାଇବାରୁ ବଞ୍ଚିତ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ମୈଦାନ କୁ ଓହ୍ଲାଇବା ପରେ ଗତକାଲି ତାଙ୍କୁ ଦଳରୁ ବହିଷ୍କୃତ କରା ଯାଇଛି । ସ୍ୱାଧିନ ପ୍ରାର୍ଥୀ ଭାବେ ମୈଦାନକୁ ଓହ୍ଲାଇବା ପରେ ବୁଧବାର ଦିନ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପାଞ୍ଚ ବର୍ଷ ପାଇଁ ଜଳେଶ୍ୱର ବାସୀଙ୍କୁ ପଚିଶ ଗ୍ୟାରେଣ୍ଟିର ଇସ୍ତାହାର ଦେଇଛନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ମନୋଜ ସାସମଲ, ପ୍ରଣବ ପଣ୍ଡା, ଜ୍ୟୋତିର୍ମୟ ନନ୍ଦ, ପ୍ରତାପ ଚନ୍ଦ୍ର ସେନାପତି, ସଞ୍ଜିବ ରାଉତ୍, ପରେଶ ଘୋଷ, କମଳାକାନ୍ତ ଦେ, ବିଶ୍ୱଜିତ୍ ଧଳ, ନଥୁରାମ ଅଣ୍ଡିଆ, ଚନ୍ଦନ କୁମାର ଜେନା, ସତ୍ୟବାନ୍ ଚାନ୍ଦ, ଦୀପକ ବେହେରା, ଅମୂଲ୍ୟ କୁମାର ସେନାପତି, ବିବେକ କୁମାର ପରିଡ଼ା, ଅଚ୍ୟୁତ ମହାନ୍ତି, ବିବେକାନନ୍ଦ ପରିଡ଼ା, ଅନୁପ ଚୌଧୁରୀ, ସୁଶୀଲ କୁମାର ପ୍ରଧାନ, କାର୍ତ୍ତିକ ସୁର ଓ ବିଦ୍ୟାଧର ବେହେରା ପ୍ରମୁଖ ବରିଷ୍ଠ ନେତୃତ୍ୱ ଉପସ୍ଥିତ ଥିଲେ ।

# ବିଜେଡି ପ୍ରଚାରରେ ସାମିଲ ହେଲେ ଲିପ୍ସା ଓ ବବି ମିଶ୍ର




ଖଇରା, ୨୨।୫ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଖଇରା ବ୍ଲକ ଅନ୍ତର୍ଗତ ୮ ପଞ୍ଚାୟତରେ ବିଜେଡି ଧୂଆଁଧାର ପ୍ରଚାର କରିଛି । ବୁଧବାର ଓଡ଼ିଶା ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତ୍ରୀ ଲିପ୍ସା ମିଶ୍ର ଓ ଅଭିନେତା ବବି ମିଶ୍ର ଏହି ପ୍ରଚାରରେ ସାମିଲ ହୋଇ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ସାହୁ ଓ ଭଦ୍ରକ ଏମପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି । ୨ ପ୍ରାର୍ଥିନୀ ଗୋବିନ୍ଦପୁର, ଡଗରପଡ଼ା ଓ ମହତୀପୁର ଭଳି ପଞ୍ଚାୟତ ଗୁଡିକରେ ପ୍ରଚାର କରିଥିବା ବେଳେ ବିଧାୟିକା ପ୍ରାର୍ଥୀଙ୍କ ସ୍ୱାମୀ ଶଶି କୁମାର ସାହୁ ଓ ଏମପି ପ୍ରାର୍ଥିନୀଙ୍କ ସ୍ୱାମୀ ମୁକ୍ତିକାନ୍ତ ମଣ୍ଡଳ ସାରୁଗାଁ, ଗଡ଼ପୋଖରୀ, ଡୁଙ୍ଗୁରା, ଗୋଳିହା ଭଳି ପଞ୍ଚାୟତ ଗୁଡିକରେ କର୍ମୀ ସମ୍ମିଳନୀ କରି ଭୋଟ ଭିକ୍ଷା କରିଛନ୍ତି । ଗୋବିନ୍ଦପୁର ପଞ୍ଚାୟତରେ ପ୍ରାର୍ଥିନୀଙ୍କ ବ୍ୟତିତ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ବିଜୁ ଯୁବ ଜନତା ସଭାପତି ପପୁ ବାରିକ, ସରପଞ୍ଚ ରଶ୍ମିବାଳା ବେହେରା, ସମିତିସଭ୍ୟା ପାର୍ବତୀ ବାରିକ, ବରିଷ୍ଠ ନେତା ରବୀନ୍ଦ୍ର ବେହେରା, ମହିଳା ସଭାପତି ସସ୍ମିତା ପାତ୍ର, ପଞ୍ଚାୟତ ସଭାପତି କାହ୍ନୁ ସାହୁ, ସୁଷମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ସରପଞ୍ଚ ଝରଣା ଦାସ, ଶ୍ରୀଧର ତ୍ରିପାଠୀ ଓ କେଶବ ଦାସ ପ୍ରମୁଖ ବିଜେଡିର ସଦସ୍ୟତା ଗ୍ରହଣ କରିଥିଲେ । ସାରୁଗାଁ ପଞ୍ଚାୟତରେ ବ୍ଲକ ଛାତ୍ର ଜନତା ସଭାପତି ଗୌତମ ରାଉତ, ସମିତିସଭ୍ୟା ପ୍ରତିନିଧି ଜିତେନ୍ଦ୍ର ବେହେରା, ରବୀନ୍ଦ୍ର ବାରିକ, ହେମନ୍ତ ଲେଙ୍କା, ସାରୁଗାଁ ପଞ୍ଚାୟତ ସଭାପତି ରଘୁନାଥ ମହାନ୍ତି, ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଡଗରପଡ଼ା ପଞ୍ଚାୟତରେ ପ୍ରାର୍ଥୀଙ୍କ ଛଡା ସ୍ଥାନୀୟ ସରପଞ୍ଚ ରତ୍ନାକର ଦଳେଇ, ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ପୋଇ, ବରିଷ୍ଠ ନେତା ପ୍ରଭାତ କୁମାର ଦଳେଇ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଚନ୍ଦନେଶ୍ୱରରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

ଚନ୍ଦନେଶ୍ୱର, ୨୨।୫(ସମିସ) : ଭୋଗରାଇ ବ୍ଲକର ହୁଗୁଳି ପଞ୍ଚାୟତର ଚନ୍ଦନେଶ୍ୱର ବିଜୁପଟ୍ଟନାୟକ ଗୋଲେଇ ଠାରେ ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟାଳୟକୁ ଶଙ୍ଖବାଦ୍ୟ ଭିତରେ ବିଜୁଜନତା ଦଳର ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ ଆନୁଷ୍ଠାନିକ ଭାବେ ଫିତାକାଟି ଉଦ୍‌ଘାଟନ କରିଥିଲେ । ଏଥିସହିତ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେଇ ତାଙ୍କୁ ଜୟଯୁକ୍ତ କରାଇବା ପାଇଁ ନିବେଦନ କରିଥିଲେ । ଦଳୀୟ କର୍ମୀ ମାନଙ୍କୁ ଘରେ ଘରେ ବିଜେଡିର ଜନକଲ୍ୟାଣକାରୀ ଯୋଜନା ବିଷୟରେ ସଚେତନ କରାଇବା ସହିତ ଶଙ୍ଖ ଚିହ୍ନରେ ଭୋଟ ଦେବାପାଇଁ ସଚେତନ କରିବା ପାଇଁ ନିବେଦନ କରିଥିଲେ । ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ବିଜୁ ଜନତା ଦଳର ବ୍ଲକ ସଭାପତି ରମାକାନ୍ତ କରଣ, ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ବିଜେଡି ଜିଲ୍ଲା ଉପସଭାପତି



ତପନ କୁମାର ପଣ୍ଡା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଚନ୍ଦନେଶ୍ୱର ଶୈବପୀଠ ଉପମୈରସୀ ବୁଦ୍ଧଦେବ ପଣ୍ଡା, ସକ୍ରିୟ ସଦସ୍ୟ ଅନୁପ ଦାସ ଅଧିକାରୀ, ସମିତି ସଦସ୍ୟ ଗୋବିନ୍ଦ ଦାସ, ନାଏବ ସରପଞ୍ଚ ବିଭୁତି ପ୍ରଧାନ ସମେତ ଶତାଧିକ ସମର୍ଥକ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ସିଦ୍ଧେଶ୍ୱର ମହାଦେବଙ୍କ ପାଟ ଉତ୍ସବ ଉଦ୍‌ଯାପିତ

ଭୋଗରାଇ, ୨୨।୫(ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ଅନ୍ତର୍ଗତ କାଳାହୀ ଗ୍ରାମସ୍ଥ ବାବା ସିଦ୍ଧେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ପାଟ ଉତ୍ସବ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉଦଯାପିତ ହୋଇଯାଇଛି । ଜୀଉଙ୍କ ଠାରେ ୧୧ ଦିନଧରି ଉପବୀତ ଧାରଣ କରିବା ସହ ଭକ୍ତ ମାନେ ଛେପ ନ ଢ଼ୋକି ଆଶୁତୋଷ ମହାଦେବ ଶିବଙ୍କୁ ଆରାଧନା କରି ପ୍ରତ୍ୟହ ରାତିରେ ଅର୍ଘ୍ୟ ଦାନ ପରେ ହବିଷାନ୍ନ ଭୋଜନ କରିଆସୁଥିଲେ । ମଙ୍ଗଳବାର ବାବାଙ୍କ ପୀଠରେ ପାଟପର୍ବ ଅନୁଷ୍ଠିତ ହୋଇଥିଲା ବେଳେ ସନ୍ଧ୍ୟାରେ ମହାଦେବଙ୍କ ହାକାଣ୍ଡ ପୋଖରୀ ଠାରୁ ମାଳାଚନ୍ଦନୀ ଆରମ୍ଭ ହୋଇଥିଲା । ପାଟଭକ୍ତ ପରିତୋଷ ଦାସ ମହାପାତ୍ରଙ୍କ ସହିତ ଦେଉଳିଆ ଧନଞ୍ଜୟ ମହାନ୍ତି, ଶ୍ରୀବେକିଡି ସୁଶାନ୍ତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ ମହାପାତ୍ର, ରାଜେଶ ସେଠୀ, ଶଚିନ୍ଦ୍ର ଦାସ ମହାପାତ୍ର, ଉତ୍ତମ ଦାସ ମହାପାତ୍ର, ସୁବାଶିଷ ଦାସ ମହାପାତ୍ର, ତ୍ରିଲୋଚନ ସାହୁ ପ୍ରମୁଖଙ୍କ ସମେତ ଶୈବଭକ୍ତ ଓ ଶ୍ରଦ୍ଧାଳୁ ମାନେ ସାହାନାଇଁ, ଢାକ, ଢୋଲ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଶିବ ଦୁର୍ଗାଙ୍କ ଚଳନ୍ତି ଘଟକୁ ମସ୍ତକରେ ମୁଣ୍ଡାଇ ଶୈବ ନୃତ୍ୟ ପ୍ରଦର୍ଶନ କରି ମନ୍ଦିର ବିଜେ କରିଥିଲେ । ଏହି ବିରଳ ଦୃଶ୍ୟ ଦେଖିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗିଥିଲା । ଏହି ଅବସରରେ ରଙ୍ଗୀନ ଆଲୋକ ମାଳାରେ ଉଦ୍ଭାସିତ ପଞ୍ଚମୁଣ୍ଡିଆ, ଶିବ-ଦୁର୍ଗା ରାକ୍ଷସ ମୂର୍ତ୍ତି ମେଳାରେ ଭିନ୍ନ ଆକର୍ଷଣ ସୃଷ୍ଟି କରିଥିଲା । ଏତଦ୍‌ବ୍ୟତୀତ ଉପବୀତଧାରୀ ଭକ୍ତ ମାନଙ୍କ ଶୈବ ଦଣ୍ଡ ନୃତ୍ୟ ପ୍ରଦର୍ଶନ କରିଥିଲେ । କଣ୍ଟା ପାଟୁଆ ଭକ୍ତମାନେ ନିଜ ଶରୀରରେ ସାହସ୍ରାଧିକ ଲୁହା କଣ୍ଟା ଫୋଡି ଭଗବାନଙ୍କ ଠାରେ ମନସ୍କାମନା ପୂର୍ଣ୍ଣ ପାଇଁ ସାଧନା କରିଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ମେଳା ଚାଲିଥିବା ବେଳେ ଆଧୁନିକ ଧରଣର ଆତସବାଜି କାର୍ଯ୍ୟକ୍ରମ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଭୋଗରାଇ ବ୍ଲକ ସମେତ ପଡୋଶୀ ପଶ୍ଚିମବଙ୍ଗରୁ ହଜାର ହଜାର ଯାତ୍ରୀଙ୍କ ସମାଗମ ହୋଇଥିଲା । ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହେତୁ ଲୋକଙ୍କ ତୃଷ୍ଣା ନିବାରଣ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶୀତଳ ପାଣି ଓ ଭିଜା ବୁଟ ପ୍ରଦାନ କରାଯାଇଥିଲା । କମିଟିର ସଭାପତି କୌଶିକ ଦାସ ମହାପାତ୍ର, ସଞ୍ଜୟ ଦାସ ମହାପାତ୍ର, ବଂଶୀଧର ସାହୁ, ସଞ୍ଜୀବ ଦାସ ମହାପାତ୍ର, ସୁମନ୍ତ ଦାସ ମହାପାତ୍ର, ରଞ୍ଜିତ ଦାସ ମହାପାତ୍ର, ସୁବାଶିଷ ଦାସ ମହାପାତ୍ର, କଲ୍ୟାଣ ମହାନ୍ତି, ମନ୍ଦାରସାହି ସରପଞ୍ଚ ମମତା ସାହୁ, ପଞ୍ଚାୟତ ସମିତି ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ, ତ୍ରିଲୋଚନ ସାହୁ, ପରେଶ ଦାସ ମହାପାତ୍ର, ସନ୍ତୋଷ ଦାସ ମହାପାତ୍ର, ଅଶୋକ ଦାସ ମହାପାତ୍ର, ଦେବବ୍ରତ ଦାସ ମହାପାତ୍ର ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଏହି ମେଳା ପରିଚାଳନା କରିଥିଲେ ।

# ଜଳେଶ୍ୱରରେ କଂଗ୍ରେସର ପରିବର୍ତ୍ତନ ସମାବେଶ

ଜଳେଶ୍ୱର ବ୍ଲକ, ୨୨।୫ (ସମିସ): ଜଳେଶ୍ୱର ଥାନା ଅନ୍ତର୍ଗତ ବଡ଼ ବଜାରସ୍ଥିତ ଜଳେଶ୍ୱର ମହୋତ୍ସବ ପଡ଼ିଆ ଠାରେ ମଙ୍ଗଳବାର ସନ୍ଧ୍ୟା ୬ ଘଟିକା ସମୟରେ ଜଳେଶ୍ୱର କଂଗ୍ରେସର ପରିବର୍ତ୍ତନ ସମାବେଶ ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ପରିବର୍ତ୍ତନ ସମାବେଶ ପୂର୍ବରୁ ରାଜଘାଟ ଟୋଲଗେଟ ଠାରୁ ଜଳେଶ୍ୱର ବଡ଼ ବଜାର ଛକ ପର୍ଯ୍ୟନ୍ତ ପ୍ରାୟ ଦୁଇ ହଜାରରୁ ଅଧିକ ମଟର ସାଇକେଲରେ କର୍ମୀ ମାନେ ଆସି ରାଷ୍ଟ୍ରୀୟ ପ୍ରବକ୍ତା ପୱନ ଖେଡ଼ା, ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଓ ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ମଞ୍ଚକୁ ପାଛୋଟି ଆଣିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଦେଶକୁ ରକ୍ଷା କରିବା ପାଇଁ କଂଗ୍ରେସ ଓ ସମାନ ବିଚାରଧାରା ରଖୁଥିବା ଦଳକୁ ଭୋଟ ଦେବାକୁ ଆୟୋଜିତ ପରିବର୍ତ୍ତନ ସମାବେଶରେ ଆହ୍ୱାନ ଦିଆ ଯାଇଥିଲା । ଭାରତ ଏକ ସାର୍ବଭୌମତ୍ୱ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବା ବେଳେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ସ୍ୱାଭିମାନ ର ସହିତ ବଞ୍ଚିବାର ସମାନ ଅଧିକାର ରହିଛି ।କିନ୍ତୁ ସାମ୍ପ୍ରଦାୟିକ ଶକ୍ତି ମାନେ ଭାରତ ନାଗରିକଙ୍କ ମୌଳିକ ଅଧିକାର ଓ ସ୍ୱାଭିମାନକୁ କ୍ଷୁର୍ଣ୍ଣ କରିବା ସହିତ ବିଭେଦ ତିଆରି କରି ଅସ୍ଥିରତା ସୃଷ୍ଟି କରୁଛନ୍ତି । ତେଣୁ ଶାନ୍ତି, ମୈତ୍ରୀ ସୁଶାସନ ଲାଗି କଂଗ୍ରେସ ମନୋନୀତ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଓ ବିଧାୟକ ପ୍ରାର୍ଥୀ ସୁଦର୍ଶନ ଦାସଙ୍କୁ ବିପୁଳ ପରିମାଣରେ ଭୋଟ ଦେବା ପାଇଁ ସଭାରେ ରାଷ୍ଟ୍ରୀୟ ପ୍ରବକ୍ତା ପୱନ ଖେଡ଼ା ଅନୁରୋଧ କରିଥିଲେ । ଉକ୍ତ ସମାବେଶରେ ରାଜ୍ୟ ପ୍ରବକ୍ତା ଡ. ବିଶ୍ୱ ରଞ୍ଜନ ମହାନ୍ତି, ଏଆଇସି ସଭ୍ୟ ଟିଂକୁଜି, ରାଜ୍ୟ ପର୍ଯ୍ୟବେକ୍ଷକ ଅଭୟ ଜି, ପ୍ରଭାତ କୁମାର, ରିପୁ ଚୌଧୁରୀ, ଚିତ୍ତରଞ୍ଜନ ପରିଡ଼ା, ହେମନ୍ତ ଗିରି, ସୁଦାମ ପାତ୍ର, ସିପିଏମ ନେତା ଶିଶିର କୁମାର ହୁଇ, ଦିଲ୍ଲୀପ କୁମାର ଗିରି, ବାଲିଆପାଳ ଘାଟି ଆନ୍ଦୋଳନ ନେତା ଅରୁଣ କୁମାର ଜେନା, ଆମ ଆଦମୀ ପାଟିର ନେତା ଅଶୋକ ଦାସ, ଅରୁଣ ଜେନା, ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ସାହୁ, ନାରୀ ନେତ୍ରୀ ରାଧାରାଣୀ ପାତ୍ର, ଅଞ୍ଜଳି ପ୍ରଧାନ, ମଦିନା ବିବି, ସର୍ବେଶ୍ୱର ଦାସ, ମାନସ ଦାସ ମହାପାତ୍ର, ବିରଞ୍ଚି ନାରାୟଣ ଭୂୟାଁ, ପଦ୍ମଲୋଚନ ବେହେରା, ଶ୍ରୀକାନ୍ତ ସିଂ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

# ଅବସାଦଗ୍ରସ୍ତ ଯୁବକର ଆତ୍ମହତ୍ୟା

ଭୋଗରାଇ, ୨୨।୫ (ସମିସ) : ପତ୍ନୀ ସହିତ ମନୋମାଳିନ୍ୟ ପରେ ଛାଡ଼ପତ୍ର ମାମଲା ଏବଂ ଅଦାଲତ ଦ୍ୱାରା ନିର୍ଦ୍ଧାରିତ ଭରଣପୋଷଣ ଅର୍ଥ ଦେଇନପାରିବାରୁ ମାନସିକ ଅବସାଦଗ୍ରସ୍ତ ହୋଇ ଜନୈକ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିବା ଘଟଣା ସମଗ୍ର ଭୋଗରାଇରେ ଚର୍ଚ୍ଚାର ବିଷୟ ପାଲଟିଛି । ମୃତ ଯୁବକ ହେଲେ ଭୋଗରାଇ ଥାନା ଅନ୍ତର୍ଗତ ବର୍ତ୍ତନା ଗ୍ରାମର ହରେକୃଷ୍ଣ ଆଚାର୍ଯ୍ୟଙ୍କ ପୁଅ ସତ୍ୟଶିବ ସୁନ୍ଦର ଆଚାର୍ଯ୍ୟ (୪୯) । ପ୍ରକାଶ ଯେ, ସତ୍ୟଶିବ ସୁନ୍ଦର ଆଚାର୍ଯ୍ୟ କମର୍ଦ୍ଦା ଅଞ୍ଚଳରୁ ବିବାହ କରିଥିଲା ବେଳେ ତାଙ୍କର ପତ୍ନୀ ଓ ଜଣେ ଝିଅ ଅଛନ୍ତି । ପରେ ପତି ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହେବା ସହ ବାରମ୍ବାର ମାଡଗୋଳ ହେଉଥିଲା । ଏହାସହିତ ଦିନରାତି ସତ୍ୟଶିବ ନିଶାଗ୍ରସ୍ତ ହୋଇ ତାଙ୍କ ପତ୍ନୀଙ୍କୁ ଅକଥନୀୟ ଭାଷାରେ ଗାଳିଗୁଲଜ କରୁଥିଲା । ଏନେଇ ବାରମ୍ବାର ବିଚାର ବୈଠକ ହୋଇଥିଲେ ମଧ କିଛି ସୁଫଳ ମିଳିନଥିଲା । ଅତି ଅସହ୍ୟ ହେବାରୁ ପାଞ୍ଚ ବର୍ଷ ପୂର୍ବେ ତାଙ୍କ ପତ୍ନୀ ତାଙ୍କର ଏକମାତ୍ର ଝିଅକୁ ନେଇ ବାପ ଘରକୁ ଚାଲିଯିବା ସହ ସେଠାରେ ରହି କୋର୍ଟରେ ଛାଡ଼ପତ୍ର ମାମଲା ସହିତ ଭରଣପୋଷଣ ମାମଲା କରିଥିଲେ । ଝିଅ ଏବେ କଲେଜରେ ପାଠ ପଢୁଥିଲା ବେଳେ ପତ୍ନୀ ଓ ଝିଅର ଭରଣପୋଷଣ ବାବଦ ଅର୍ଥ ପ୍ରଦାନ ପାଇଁ ଅଦାଲତ ସତ୍ୟଶିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସତ୍ୟଶିବ ଏହି ଭରଣପୋଷଣ ବାବଦ ନିର୍ଦ୍ଧାରିତ ଅର୍ଥ ନ ଦେଇ ସମୟ ଗଡ଼ାଇ ଚାଲିଥିଲେ । ଏହାରି ମଧ୍ୟରେ ସେ ମାନସିକ ଅବସାଦଗ୍ରସ୍ତ ହୋଇ ଦିନରାତି ମଦ ପିଉଥିଲେ । ମଙ୍ଗଳବାର ସନ୍ଧ୍ୟାରେ ପ୍ରଚୁର ମଦ ପିଇ ଘରକୁ ଫେରିବା ସହ ଦ୍ୱିତୀୟ ମହଲାରେ ଥିବା ନିଜ ଶୋଇବା ଘରେ ଶୋଇଥିଲେ । ରାତିରେ ପରିବାର ଲୋକେ ଖାଇବା ପାଇଁ ଡାକିବାକୁ ଯାଇଥିଲା ବେଳେ ଘର ଭିତରେ ସତ୍ୟଶିବ ବେକରେ ରଶି ଲଗାଇ ଝୁଲୁଥିବା ଦେଖିବାକୁ ପାଇଥିଲେ । ଏହି ଖବର ପାଇ ସାହି ପଡ଼ିଶା ଓ ପରିବାର ଲୋକେ ମିଳିତ ଭାବେ ଫାଶି ଦଉଡ଼ି ଖୋଲି ତାଙ୍କୁ ଉଦ୍ଧାର କରିଥିବା ବେଳେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ଭୋଗରାଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ଭୋଗରାଇ ଥାନା କେସ ନଂ ୧୩/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବୁଧବାର ପୂର୍ବାହ୍ନରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

**ମତ୍ସ୍ୟଜୀବୀ ସେଭିଂ କମ୍ ରିଲିଫ ସ୍କିମ୍**

# ସଚେତନତା ଅଭାବରୁ ଯୋଜନାରୁ ବଞ୍ଚିତ ଶତାଧିକ ମତ୍ସ୍ୟଜୀବୀ

ବାଲେଶ୍ୱର, ୨୨।୫(ସମିସ):

ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ପ୍ରାୟ ପନ୍ଦର ହଜାର ମତ୍ସଜୀବୀ ସମୁଦ୍ରକୁ ମାଛ ଧରିବା ପାଇଁ ଯାଉଛନ୍ତି । ହେଲେ ମତ୍ସ୍ୟଜୀବୀ ରିଲିଫ ସ୍କିମରେ ମାତ୍ର ୨୪୪୮ ଜଣ ମତ୍ସ୍ୟଜୀବୀ ସରକାରୀ ଆର୍ଥିକ ସହାୟତା ପାଉଛନ୍ତି । ସାମୁଦ୍ରିକ ମାଛର ପ୍ରଜନନକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଦୁଇମାସ ସମୁଦ୍ରରେ ମାଛ ଧରିବା ଉପରେ କଟକଣା ଜାରି କରାଯାଇ ଥାଏ । ଚଳିତ ବର୍ଷ ମଧ ଗତ ଏପ୍ରିଲ ପନ୍ଦରରୁ ଜୁନ ଚଉଦ ତାରିଖ ପର୍ଯ୍ୟନ୍ତ ସମୁଦ୍ରରେ ମାଛ ଧରିବା ଉପରେ କଟକଣା କରାଯାଇଛି । ହେଲେ ସମୁଦ୍ରରେ ମାଛଧରି ଦୈନନ୍ଦିନ ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀମାନେ ଏହି ନିର୍ଦ୍ଦିଷ୍ଟ ଦିନ ଗୁଡିକରେ ଆର୍ଥିକ ଅନାଟନ ମଧ୍ୟରେ ରହିଥାନ୍ତି । ଏହି ଦୁଇ ମାସ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ



ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମତ୍ସ୍ୟଜୀବୀ ସେଭିଂ କମ ରିଲିଫ ସ୍କିମ କାର୍ଯ୍ୟକାରୀ କରିଛନ୍ତି । ଏହି ସ୍କିମର ନିୟମାନୁସାରେ ବିପିଏଲ ଶ୍ରେଣୀର ଅଠରରୁ ଊର୍ଦ୍ଧ୍ୱ ଷାଠିଏ ବର୍ଷରୁ କମ ମତ୍ସ୍ୟଜୀବୀମାନେ ପ୍ରଥମେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ପଞ୍ଜିକୃତ ମେରାଇନ ଫିସାରମ୍ୟାନ କୋପରେଟିଭ ସୋସାଇଟିରେ ନିଜର ନାମ ପଞ୍ଜିକୃତ କରିବେ । ଏହି ସ୍କିମରେ ମହିଳାଙ୍କୁ ସାମିଲ କରାଯିବ ନାହିଁ । ନାମ ପଞ୍ଜିକୃତ କରିଥିବା ମତ୍ସ୍ୟଜୀବୀମାନେ ଜୁଲାଇରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ମାସ ୧୨୦ଟଙ୍କା ଏବଂ ମାର୍ଚ୍ଚ ମାସରେ ୧୪୦ ଟଙ୍କା ଏଡିଏଫଓ ମେରାଇନ ବାଲେଶ୍ୱର ଙ୍କ ନାମରେ ଖୋଲା ଯାଇଥିବା ଆକାଉଣ୍ଟରେ ସଞ୍ଚୟ କରିବେ । ପଞ୍ଜିକୃତ ମତ୍ସ୍ୟଜୀବି ସଦସ୍ୟମାନେ ନଅ ମାସରେ ମୋଟ ପନ୍ଦର ଶହ ଟଙ୍କା ସଞ୍ଚୟ କରିବେ । ଏହି ସଞ୍ଚୟ ଟଙ୍କା ଏପ୍ରିଲ ଓ ମଇ ମାସ ମଧ୍ୟରେ ପଞ୍ଜିକୃତ ମତ୍ସ୍ୟଜୀବୀ ମାନଙ୍କୁ ଫେରାଇ ଦିଆଯିବ । ଏହାବାଦ ସେମାନଙ୍କୁ ରାଜ୍ୟ ସରକାରଙ୍କଠାରୁ ପନ୍ଦର ଶହ ଟଙ୍କା ଏବଂ କେନ୍ଦ୍ର ସରକାରଙ୍କ ଠାରୁ ପନ୍ଦର ଶହ ଟଙ୍କା ଆର୍ଥିକ ସହାୟତା ରାଶି ମିଳିବ । ମୋଟ ୪୫ଶହ ଟଙ୍କା ପଞ୍ଜିକୃତ ମତ୍ସ୍ୟଜୀବୀମାନଙ୍କୁ କଟକଣା ଜାରି ଥିବା ସମୟରେ ମିଳିବ । ତେବେ ବାଲେଶ୍ୱର ଜିଲ୍ଲାରେ ପାଞ୍ଚଟି ମେରାଇନ ଏକ୍ସଟେନସନ ୟୁନିଟ ବା ସାମୁଦ୍ରିକ ମତ୍ସ୍ୟ କାର୍ଯ୍ୟାଳୟ ରହିଛି । ଚାନ୍ଦିପୁର, ବାହାବଳପୁର, ବାଲିଆପାଳ, ଗୋପାଳପୁର ଓ ଚନ୍ଦନେଶ୍ୱରରେ ଏହି କାର୍ଯ୍ୟାଳୟ ରହିଛି । ଏହି ସମସ୍ତ କାର୍ଯ୍ୟାଳୟ ଅଧୀନରେ ପନ୍ଦରଟି ଫିସ୍ ଲ୍ୟାଣ୍ଡି ସେଣ୍ଟର ବା ମାଛ ଧରା କେନ୍ଦ୍ର ରହିଛି । ଏହି ମାଛଧରା କେନ୍ଦ୍ରରେ ଟ୍ରଲର, ଭୁଟଭୁଟି ଓ ହାତ ଚାଳିତ ଡଙ୍ଗା ୧୯୮୪ଟି ରହିଥିବା ଜଣାଯାଇଛି । ଏହା ମଧ୍ୟରୁ ୮୪୫ଟି ଭୁଟଭୁଟି, ୪୧୭ଟି ହାତ ଚାଳିତ ଡଙ୍ଗା ଓ ୬୨୭ଟି ଟ୍ରଲର ରହିଛି । ସେହିଭଳି ଭଦ୍ରକ ଜିଲ୍ଲାର ଧାମରା ଓ ବାସୁଦେବପୁର ମେରାଇନ ଏକଷ୍ଟେନସନ ୟୁନିଟ ଅଧୀନରେ ଥିବା ମାଛଧରା କେନ୍ଦ୍ର ଗୁଡିକରେ ୧୩୬୧ଟି ଭୁଟଭୁଟି, ୪୮୬ଟି ହାତ ଚାଳିତ ଡଙ୍ଗା ଓ ୧୦୭୬ଟି ଟ୍ରଲର ରହିଛି । ମୋଟ ଦୁଇଟି ଜିଲ୍ଲାରେ ୪୯୦୮ ଟି ଭୁଟଭୁଟି, ହାତଚାଳିତ ଡଙ୍ଗା ଓ ଟ୍ରଲର ରହିଛି । ଏହି ଦୁଇଟି ଜିଲ୍ଲାରୁ ପ୍ରାୟ ୧୫ହଜାର ମତ୍ସ୍ୟଜୀବୀ ସମୁଦ୍ରରେ ମାଛ ଧରି ଜୀବିକା ନିର୍ବାହ କରୁଥିବା ଜଣାଯାଇଛି ।ହେଲେ ଏହି ପନ୍ଦର ହଜାର ମତ୍ସ୍ୟଜୀବୀ ମାନଙ୍କ ମଧ୍ୟରୁ ମାତ୍ର ୨୪୪୮ ଜଣ ମତ୍ସ୍ୟଜୀବୀଙ୍କୁ ରିଲିଫ ସ୍କିମ ରେ ଅନ୍ତର୍ଭୂକ୍ତ କରାଯାଇଛି । ସଚେତନତା ଅଭାବରୁ ଏହି ସ୍କିମର ସୁଫଳ ମତ୍ସ୍ୟଜୀବୀମାନଙ୍କ ପାଖରେ ପହଞ୍ଚି ପାରୁନି । ମୁଷ୍ଟିମେୟ ମତ୍ସ୍ୟଜୀବି ଏହି ସ୍କିମ ବାବଦରେ ଜାଣିପାରି ନିଜ ନାମ ପଞ୍ଜିକୃତ କରିଛନ୍ତି । ହେଲେ ସିଂହ ଭାଗ ମତ୍ସ୍ୟଜୀବୀ ଏହି ସ୍କିମ ବାବଦରେ ଜାଣି ନଥିବା ଯୋଗୁ ମତ୍ସ୍ୟଜୀବୀ ରିଲିଫ ସ୍କିମରେ ସାମିଲ ହୋଇପାରି ନଥିବା ଜଣାଯାଇଛି ।

